**ପରିବେଶ ପ୍ରେମୀ ନନ୍ଦିଘୋଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ): ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଗତ ୬ତାରିଖରୁ ସାଇକେଲରେ ଓଡିଶା ଭ୍ରମଣ କରୁଥିବା ବରଗଡ଼ ଜିଲା ନୂଆଗଡର ନନ୍ଦିଘୋଷ ଖମାରୀ (୨୭) ଶନିବାର କଣ୍ଟାବାଞ୍ଜିରେ ପହଞ୍ଚିବା ପରେ ସ୍ଥାନୀୟ ସମ୍ବିଧାନ ଛକଠାରେ ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନନ୍ଦିଘୋଷ ତାଙ୍କର ଏହି ଯାତ୍ରା ସମୟରେ ସ୍କୁଲ ଓ କଲେଜକୁ ଯାଇ ଗଛ ଲଗାଇବା ଏବଂ ସାଇକେଲ ଚଳାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କହୁଛନ୍ତି। ଯାହାଫଳରେ ପ୍ରଦୂଷଣ ମୁକ୍ତ ଦେଶ ଗଠନ ହେବ ବୋଲି ସେ କହିଛନ୍ତି।

# ଧାନ ଆଣିବାକୁ ଅଖା ବସ୍ତା ମିଳୁନି, ଚାଷୀ ଚିନ୍ତିତ

**ବଲାଙ୍ଗୀର,୧୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଜିଲାର ମଣ୍ଡି ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି। ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୀତମ୍ବର ଖମାରୀ ଓ ଅନ୍ୟମାନେ ଅପରାହ୍ଣରେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବିଡିଘାଟ ମଣ୍ଡି ପରିଦର୍ଶନରେ ଯାଇଥିଲେ। ସେଠାରେ ଉପସ୍ଥିତ ଚାଷୀ, ମଣ୍ଡି ପରିଚାଳନା ସଦସ୍ୟ ଏବଂ ମିଲର୍ସ ପ୍ରତିନିଧି ସହ ଆଲୋଚନା କରିଥିଲେ। ବିଡିଘାଟ ମଣ୍ଡି ଶୁକ୍ରବାର ଖୋଲିଥିଲା। ଚାଷୀମାନେ ଧାନ ଆଣି ମଣ୍ଡିରେ ଦେଉଛନ୍ତି। ଅଳ୍ପ ଚାଷୀଙ୍କ ଧାନ ମିଲକୁ ଉଠିଛି। ଧାନ ଉଠାଣ ବେଳେ କଟନୀ ଛଟନୀ ହୋଇ ନ ଥିବା ଦୁଇଜଣ ଚାଷୀ କହିଥିଲେ। ବିଡିଘାଟର ଚାଷୀ ରାଜକିଶୋର ବେହେରା କହିଥିଲେ ଯେ, ଶନିବାର ତାଙ୍କର ୪୦ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିଛି। ମଣ୍ଡିରେ ଓଜନ ହେବା ପରେ ୪୦ କୁଇଣ୍ଟାଲ ଧାନ ମପା ଯାଇଛି। ତେବେ ମିଲକୁ ଗଲା ପରେ କେତେ ଟଙ୍କା ବ୍ୟାଙ୍କ ଖାତାକୁ ଆସିବ ସେଥିରୁ କଟନୀ ଛଟନୀ ହୋଇଛି କି ନାହିଁ ଜଣାପଡିବ ବୋଲି ସେ କହିଛନ୍ତି। ଅନ୍ୟ ଜଣେ ଚାଷୀ ନାରାୟଣ ବେହେରାଙ୍କ



ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବିଡିଘାଟ ଧାନ ମଣ୍ଡିରେ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ଧାନ ଉଠି ସାରିଛି। ତାଙ୍କ ଧାନ କଟନୀ ଛଟନୀ ହୋଇ ନ ଥିବା କୁହାଯାଇଛି। ସେହିପରି ଶୁକ୍ରବାର ଟିକଲବାହାଲର ଚାଷୀ ଲମ୍ୱୋଦର ମଲ୍ଲିକ, ବୀରେନ୍ଦ୍ର ବିଶ୍ୱାଳ, ଡୋଳାମଣି ଜେନା, ବୈଦିପାଲି ବରଗାଁର ଚାଷୀ ଭିକାରୀ ବିଶି, ରାଜେଶ ବିଶ୍ୱାଳଙ୍କ ଧାନ ଉଠି ସାରିଛି। ମଣ୍ଡିରେ ଥିବା ଡକ୍ୟୁମେଣ୍ଟରୁ ସେମାନଙ୍କ ଧାନ କଟନୀ ଛଟନୀ ହୋଇ ନ ଥିବା ଉଲ୍ଲେଖ ରହିଛି। ତେବେ ଯେଉଁ ଚାଷୀଙ୍କ ଧାନ ବିକ୍ରି ହୋଇସାରିଛି ସେଠାରେ ସେମାନେ ଉପସ୍ଥିତ ନ ଥିବାରୁ ତାଙ୍କ ମତାମତ ମିଳି ପାରିନାହିଁ। ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ବସ୍ତା ନେବାକୁ ଆସିଥିବା ଫଟକରା ଗାଁର ଅନ୍ୟ ଜଣେ ଚାଷୀ ସରୋଜ କୁମାର ପଟେଲ ସମ୍ମୁଖୀନ ହେଉଥିବା ଅନ୍ୟ ଏକ ସମସ୍ୟା ଉପରେ ଭାଜପା ପ୍ରତିନିଧି ଦଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଷୀ ପଟେଲ କହିଥିଲେ ଯେ, ମଣ୍ଡିକୁ ପଲିଥିନ ବସ୍ତାରେ ଧାନ ଆଣିଲେ ବିକ୍ରି ହେଉନାହିଁ। ଉକ୍ତ ଧାନକୁ ପୁଣି ଥରେ ପଲିଥିନ ବସ୍ତାରୁ ଅଖା ବସ୍ତାକୁ ନେବାକୁ ପଡୁଛି। ଏହି କାମରେ ଚାଷୀମାନେ ହଇରାଣ ହୋଇଯାଉଛନ୍ତି। ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବଜାରରେ କି ମଣ୍ଡିରେ ଆବଶ୍ୟକ ସଂଖ୍ୟକ ଅଖା ବସ୍ତା ମିଳୁନାହିଁ। ମିଲର୍ସ ଚାଷୀଙ୍କୁ ଅଖା ବସ୍ତା ଯୋଗାଇ ଦେଇପାରୁନାହାନ୍ତି। ଫଳରେ ଟୋକନ ଥିବା ଚାଷୀ ମଧ୍ୟ ମଣ୍ଡିକୁ ଠିକଣା ସମୟରେ ଧାନ ଆଣି ବିକ୍ରି କରିପାରୁନାହିଁ। ଚାଷୀ ପଟେଲଙ୍କ ସହ ଅନ୍ୟମାନେ ମଧ୍ୟ ପଲିଥିନ ବସ୍ତାରେ ଚଳିତବର୍ଷ ପାଇଁ ହେଉ ପଛେ ସରକାର କୋହଳ ମନୋଭାବ

**ବିଡିଘାଟ ମଣ୍ଡି ପରିଦର୍ଶନ କଲେ ଭାଜପା ପ୍ରତିନିଧି ମଣ୍ଡଳୀ**

ପୋଷଣ କରି ଚାଷୀଙ୍କ ପଲିଥିନ ବସ୍ତାରେ ଧାନ କିଣିବାକୁ ଦାବି କରିଥିଲେ। ମଣ୍ଡି ସମ୍ପାଦକଙ୍କ ସହ ଆଲୋଚନା କରିବା ପରେ ଭାଜପା ନେତା ପାଣିଗ୍ରାହୀ କହିଥିଲେ, ମୋଟାମୋଟି ଭାବେ ମଣ୍ଡିରେ ସରୁଖୁରୁରେ ଧାନ କିଣା ଚାଲିଛି। ଯେଉଁ କିଛି ସମସ୍ୟା ରହିଛି ତାକୁ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଯିବ। ଜିଲାର ସମସ୍ତ ଚାଷୀ ଯେପରି ଧାନ କିଣା ଏମ୍‌ଏସ୍‌ପି ଏବଂ ଇନପୁଟ୍ ସହାୟତା ଠିକଣା ସମୟରେ ପାଇବେ ସେ ଉପରେ ଭାଜପା ସରକାର ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କୁ କୌଣସି ପ୍ରକାର ହଇରାଣ ହରକତ ନ କରି ଧାନ କିଣିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମଣ୍ଡିରେ କିଭଳି ଅନୁପାଳନ କରାଯାଉଛି ତାକୁ ତଦାରଖ କରିବାକୁ ସେମାନେ ବିଡିଘାଟ ମଣ୍ଡିକୁ ଆସିଥିବା ଜଣାଇଥିଲେ। ଜିଲା ପ୍ରଶାସନ ତୁରନ୍ତ ଅଖା ବସ୍ତା ସମସ୍ୟା ସମାଧାନ କରିବା ସହ ଚାଷୀଙ୍କ ଧାନ କିଣା ନେଇ ଆନୁସଙ୍ଗିକ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ମୁରିବାହାଲ ଡିଗ୍ରୀ କଲେଜ ଛାତ୍ର ମନୋନୀତ

**ମୁରିବାହାଲ,୧୪।୧୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ତଥା ରାଜନୀତି ବିଜ୍ଞାନର ଛାତ୍ର ପ୍ରୀତମ ବଘାର ନୂଆଦିଲ୍ଲୀ ରାଜପଥରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣତନ୍ତ୍ର ଦିବସ ପରେଡ ପାଇଁ ଗତ ୧୩ ତାରିଖ ଦିନ ମନୋନୀତ ହୋଇଛନ୍ତି। ପ୍ରଥମ ଥର ପାଇଁ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ତଥା ସମଗ୍ର ଅଞ୍ଚଳ ପାଇଁ ଏହା ଗୌରବର ବିଷୟ। ସେ ପ୍ରଥମେ ୟୁନିଟ ଲେଭେଲ ପରେଡରେ ମନୋନୀତ ହୋଇ ଗତ ସେପ୍ଟେମ୍ବର ୧୫ ତାରିଖ ଦିନ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ୟୁନିଭର୍ସିଟି ଲେଭେଲ ପରେଡରେ ଅଂଶଗ୍ରହଣ କରି ଷ୍ଟେଟ ଲେଭେଲ ପ୍ରି-ରିପବ୍ଲିକ ପରେଡ ପାଇଁ ମନୋନୀତ ହୋଇଥିଲେ। ଗତ ସେପ୍ଟେମ୍ବର ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ରାଉରକେଲା ମୁନିସିପାଲ କଲେଜଠାରେ ଅନୁଷ୍ଠିତ ହୋଇଥିବା ଏହି କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ମାତ୍ର ୫୨ଜଣ ଇଷ୍ଟଜୋନ ପ୍ରି-ରିପବ୍ଲିକ ଡେ କ୍ୟାମ୍ପ ପାଇଁ ମନୋନୀତ ହୋଇଥିଲେ। ଆସାମର ଗୌହାଟି ବିଶ୍ୱବିଦ୍ୟାଳୟରେ ନଭେମ୍ବର ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି କ୍ୟାମ୍ପରେ ଓଡିଶା, ପଶ୍ଚିମବଙ୍ଗ, ସିକିମ, ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ ଏବଂ ତ୍ରିପୁରାରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଯେଉଁଥିରେ



ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ପରେଡରେ ଭାଗ ନେବାକୁ ମନୋନୀତ ପ୍ରୀତମ ବଘାର ।

କି ଓଡିଶାର ମାତ୍ର ୪ ଜଣ ଛାତ୍ର ଏବଂ ୪ ଜଣ ଛାତ୍ରୀ ମନୋନୀତ ହୋଇ ଆଗାମୀ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥରେ ପରେଡ ପାଇଁ ମନୋନୀତ ହୋଇଛନ୍ତି। ଯେଉଁଥିରେ କି ବଲାଙ୍ଗୀର ଜିଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ , ମୁରିବାହାଲର ଛାତ୍ର ପ୍ରୀତମ ବଘାରଙ୍କ ନାମ ତାଲିକାର ଶୀର୍ଷରେ ରହିଛି , ଯାହାକି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଇତିହାସରେ ପ୍ରଥମ। ପ୍ରୀତମ ଏହି ଐତିହାସିକ ସଫଳତା ପାଇଁ ନିଜ ମା' ବାଙ୍କପ୍ରିୟା ବଘାର , ପିତା ଦୁର୍ଯୋଧନ ବଘାର, ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଛନ୍ଦା ଚରଣ ଖୁଣ୍ଟିଆ, ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ନାୟକ, ଜିଲା ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଡ. ଅଜିତ ଭୋଇ, ବିଶ୍ୱବିଦ୍ୟାଳୟ ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଡ. ପ୍ରିୟଙ୍କା ଚକ୍ରବର୍ତ୍ତୀ ତଥା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି।

## ଟିକସ ଫାଙ୍କିବା ପାଇଁ ନୂଆ ତରିକାରେ ଜମି ରେଜେଷ୍ଟ୍ରି

**ବଲାଙ୍ଗୀର,୧୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରରେ ଏବେ ସରକାରୀ ଟିକସ ଫାଙ୍କି ପାଇଁ ନୂଆ ତରିକାରେ ଜମି ରେଜେଷ୍ଟ୍ରି କରାଯାଉଥିବା ଜଣାପଡିଛି। ଏଥିରେ ରାଜସ୍ୱ ବିଭାଗ ଏବଂ ସବ୍‌ରେଜେଷ୍ଟ୍ରି ଅଫିସର କେତେଜଣ ଅଧିକାରୀ ଓ କର୍ମଚାରୀ ମାତିଥିବା ଜଣାପଡିଛି। ପ୍ଲଟ୍ ରେଜେଷ୍ଟ୍ରି ପାଇଁ ସରକାରଙ୍କୁ ଯେତିକି ଟିକସ ଦେବାକୁ ପଡେ କୋଠା ଥିବା ପ୍ଲଟ୍ କିଣାବିକା ହେଲେ ତାଠାରୁ ଢ଼େର ଅଧିକ ଟିକସ ଦେବାକୁ ପଡିଥାଏ। ତେବେ କେତେଜଣ ଅଧିକାରୀ ସରକାରୀ ଟିକସ ଫାଙ୍କିବା ଏବଂ ନିଜେ ମାଲେମାଲ ହେବା ପାଇଁ କୋଠା ଥିବା ପ୍ଲଟ୍‌କୁ ଖୋଲା ପ୍ଲଟ ଦର୍ଶାଇ ରେଜେଷ୍ଟ୍ରି କରି ସେଥିରେ ସରକାରୀ ଟିକସ ଫାଙ୍କି ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଚର୍ଚ୍ଚା ଜୋର ଧରିବା ପରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ବଲାଙ୍ଗୀରରେ ଏବେ ଆଲୋଚନାର ବିଷୟ ହୋଇଛି।

# ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କାର୍ଯ୍ୟଧାରା ମୂଲ୍ୟାଙ୍କନ କଲେ ୨ଜଣିଆ କେନ୍ଦ୍ରୀୟ ଟିମ୍

**ଲୋଇସିଂହା,୧୪।୧୨(ସୁଶାନ୍ତ ବାରିକ)**

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଯୋଗୀସର୍ଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜାତୀୟ ଗୁଣବତ୍ତା ନିଶ୍ଚିତତା (ଏନକ୍ୟୁଏଏସ) ଜାତୀୟସ୍ତରୀୟ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୂଲ୍ୟାଙ୍କନ ପାଇଁ କେନ୍ଦ୍ର ସରକାରଙ୍କ ୨ ଜଣିଆ କେନ୍ଦ୍ରୀୟ ଟିମ୍ ଡା. ଅମିତାଭ ଶାହା ଓ ଡା .ନନ୍ଦିଆ ସାହୀ କେନ୍ଦ୍ର ପରିଦର୍ଶନ କରିଥିଲେ । ଉକ୍ତ ୨ ଜଣିଆ କେନ୍ଦ୍ରୀୟ ଅଧିକାରୀ ଦିନତମାମ ଉକ୍ତ କେନ୍ଦ୍ରରେ ରହି କେନ୍ଦ୍ରର ଭିତ୍ତିଭୂମି, ପରିବେଶ, ଆରୋଗ୍ୟ କେନ୍ଦ୍ର ତରଫରୁ ପ୍ରଦାନ କରାଯାଉଥିବା ସେବା ଓ ଟିକାକରଣ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ କରିଥିଲେ । ଉକ୍ତ ଆରୋଗ୍ୟ କେନ୍ଦ୍ର ଅଧୀନରେ ୮ଟି




ମୂଲ୍ୟାଙ୍କନ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଟିମ୍ ସହ ସ୍ଥାନୀୟ ପଦାଧିକାରୀ

ଗାଁର ୬ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଉଛନ୍ତି। ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ୧୩ ଜଣ ଆଶାକର୍ମୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶେଖରଲାଲ ପଧାନ,ଡା. ଶୁଭେନ୍ଦୁ ପଧାନ,ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ରମେଶ ସାହୁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ପଦାଧିକାରୀ ଉପସ୍ଥିତ ଥିଲେ। ପରିଦର୍ଶନରେ ଆସିଥିବା ୨ ଜଣିଆ କେନ୍ଦ୍ରୀୟ ଟିମ କେନ୍ଦ୍ର ପରିବେଶ ଏବଂ ଆରୋଗ୍ୟ କେନ୍ଦ୍ରର କାର୍ଯ୍ୟଧାରାକୁ ନେଇ ଖୁସି ବ୍ୟକ୍ତ କରିଥିବା ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ସ୍ଥାନୀୟ ସରପଞ୍ଚ ବିଜୁଳି ପଧାନ ଉପସ୍ଥିତ ଥିଲେ।

# ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

**ପାଟଣାଗଡ,୧୪।୧୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ତହସିଲ ମୁଣ୍ଡୋମହୁଲ ଗ୍ରାମର ଅନେକ ଆଦିବାସୀ ଦୀର୍ଘ ବର୍ଷ ଧରି ଜଙ୍ଗଲ ଜମିରେ ଭୋଗ ଦାଖଲ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି । କିନ୍ତୁ କିଛି ଦିନ ତଳେ ଜଙ୍ଗଲ ବିଭାଗ ପକ୍ଷରୁ ଆଦିବାସୀମାନେ ଦଖଲ କରିଥିବା ଜଙ୍ଗଲ ଜମିରେ କାହାକୁ କିଛି ନ ଜଣାଇ ସିମେଣ୍ଟ ଖୁଣ୍ଟ ପୋତାଯାଇଛି । ଏପରି କି ଧାନ ଚାଷ କରିଥିବା ଜମିରେ ମଧ୍ୟ ସିମେଣ୍ଟ ଖୁଣ୍ଟ ପୋତା ହୋଇଛି । ଉକ୍ତ ଗ୍ରାମର ଆଦିବାସୀମାନେ ସେହି ଦଖଲ ଜଙ୍ଗଲ ଜମି ପାଇବା ପାଇଁ ଶୁକ୍ରବାର ଜିଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ପାଟଣାଗଡ଼ ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିନା ଅନୁମତିରେ ଜୋରଜବରଦସ୍ତ ଖୁଣ୍ଟ ପୋତିବା କାର୍ଯ୍ୟର ତଦନ୍ତ କରାଯାଇ ସରକାରୀ ନିୟମ ଅନୁଯାୟୀ ଆଦିବାସୀମାନଙ୍କୁ ପଟ୍ଟା ଦେବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପ୍ରେମାନନ୍ଦ ରାଏ, ସୁଦାମ ଧରୁଆ, ରମେଶ ଧରୁଆ ଗୋପାଳ ଧରୁଆ, ଦୟାନିଧି ଧରୁଆ ଓ ଗ୍ରାମର ଅନ୍ୟମାନେ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ପାଇଁ ତହସିଲ ଅଫିସ ଆଗରେ ଆଦିବାସୀମାନେ ।

# ଦୁର୍ଘଟଣାରେ ମହିଳା ମୃତ

**ବେଲପଡା,୧୪।୧୨ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସରମୁହାଣରେ ଏକ ଫ୍ୟାକ୍ଟ୍ରି ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ସଡକ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ବେଲପଡା ଥାନା ଅନ୍ତର୍ଗତ ମୁରିବାହାଲ ଗାଁର ମଦନା ନାଏକ (୩୦)। ପ୍ରକାଶ ଯେ, ମୁରିବାହାଲ ଗାଁର ଯୁବରାଜ ନାଏକ ସ୍ତ୍ରୀ ମଦନା ଓ ଝିଅ ରାନୀଙ୍କୁ ନେଇ ଏକ ବାଇକ୍ ଯୋଗେ ଘରୁ ବେଲପଡା ଅଭିମୁଖେ ଯାଉଥିଲେ। ତେବେ ସରମୁହାଣ ଫ୍ୟାକ୍ଟ୍ରି ନିକଟରେ ପୋଲିସ ଚେକିଂ ଚାଲିଥିଲା। ତେବେ କୌଣସି କାରଣରୁ ଯୁବରାଜ ବାଇକ୍‌କୁ ହଠାତ ଫେରାଇଥିଲେ। ସେତେବେଳେ ତାଙ୍କ ପଛପଟୁ ଏକ ଭ୍ୟାନ୍ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରୁ ୩ ଜଣ ଛିଟିକି ପଡି ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଖାନାରେ ଯୁବରାଜଙ୍କ ସ୍ତ୍ରୀ ମଦନା ନାଏକଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ବେଲପଡା ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ନଂ ୩୫୫/୨୪ରେ ଏକ ମାମଲା ରୁଜୁ ହୋଇଛି।

# ବନ ବିଭାଗର ଚଢ଼ାଉ, ଶାଗୁଆନ ପଟା ଜବତ

**ଦେଓଗାଁ,୧୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବନାଞ୍ଚଳ ତୁଷୁରା ବିଟ୍ ଅଧୀନ ନଅଗାଁ କଲୋନୀପଡା ନିକଟରେ ଦେଓଗାଁ ବନବିଭାଗ ପକ୍ଷରୁ ଶନିବାର ଅଚାନକ ଚଢ଼ାଉ କରାଯାଇଛି। ଚଢ଼ାଉରେ ୧୦ ସିଏଫଟି ଶାଗୁଆନ ପଟା, ବ୍ୟବହୃତ ସାମଗ୍ରୀ ଓ ଗୋଟିଏ ମୋଟର ସାଇକେଲ (ନଂ ଓଡି୧୨ -୭୮୮୫) ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦ୍ୱୟ ହେଲେ



ଟିଟେଡ ଗ୍ରାମର ବିଶିକେଶନ ରଣା(୫୫) ଓ ପ୍ରେମରାଜ ଭୋଇ(୨୮) । ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ନଂ ୨୪୮/୨୪ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଫରେଷ୍ଟର ବ୍ୟାସଦେବ ସାହୁ ସୂଚନା ଦେଇଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ କରାଯାଇଥିଲା । ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲ ଓ ଫରେଷ୍ଟର ସାହୁଙ୍କ ନେତୃତ୍ୱରେ ବନରକ୍ଷୀ ପୁଷ୍ପାବତୀ କୁମ୍ଭାର, ପାରାଷ୍ଟାଫ ପ୍ରମୋଦ ଭୋଇ, ଶରତ ଧରୁଆ ତଥା ବନକର୍ମଚାରୀ ମାନେ ଚଢ଼ାଉରେ ସାମିଲ ଥିଲେ।

# ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

**ପାଟଣାଗଡ,୧୪।୧୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ବର୍ଥଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ (ପିଅନ) ମହାସଂଘ ତରଫରୁ ଜିଲାସ୍ତରୀୟ ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବଳଦେବ ଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ କବିତା ରାଣୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସାଧାରଣ ସଂପାଦକ ସୁବ୍ରତ କୁମାର ରାଉଳ ଓ ରାଜ୍ୟ ସଂଯୋଜକ ରାକେଶ ନାଏକ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥି ଭାବେ ଜିଲା ସଂପାଦକ ଅରକ୍ଷିତ ବାଗ,ସହ ସଂପାଦକ ମାଧବ କୁମାର ସିଂ, ଜିଲା ସଂଯୋଜକ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ । ବୈଠକରେ ମହାସଂଘର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମହାସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ଓଡିଶାରେ ଥିବା ପଞ୍ଚାୟତଗୁଡିକରେ ଗୋଟିଏ ଲେଖାଏ ପିଅନ ପଦବୀ ସୃଷ୍ଟି କରିବା ସହ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ, ଓଡିଶା ଗ୍ରାମ ପଞ୍ଚାୟତ ୨୦୧୪ ମସିହା ଅଧିନିୟମ ୧୨୫କୁ ଉଚ୍ଛେଦ କରିବା ଓ ୧୯୬୪ ମସିହା ଅଧିନିୟମ ୧୨୩ ଆଇନକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନ କରାଯାଇ ସଂଶୋଧନ କରିବା, ଚାକିରି କ୍ଷେତ୍ରରେ ବୀମାଭୁକ୍ତ କରିବା ସହ ସାମାଜିକ ସୁରକ୍ଷା ପ୍ରଦାନ କରିବା, ଶିକ୍ଷା ଭିତ୍ତିରେ ପଦୋନ୍ନତି ଓ ଅବସର ପରେ ପେନସନ ବ୍ୟବସ୍ଥା, ଅନ୍‌ଲାଇନ ମାଧ୍ୟମରେ ଦରମା ଯୋଗାଇବା ଆଦି ଦାବି ରହିଛି। ଆଗାମୀ ଦିନରେ ଦାବିଗୁଡ଼ିକ ପୂରଣ ନ ହେଲେ ସ୍ୱଳ୍ପ ବେତନ ଭୋଗୀ ପଞ୍ଚାୟତ ପିଅନମାନେ ନିଜ ପରିବାର ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ବଲାଙ୍ଗୀର ସମେତ ନୂଆପଡ଼ା ଜିଲାର ଶତାଧିକ ପଞ୍ଚାୟତ ପିଅନ ଯୋଗ ଦେଇଥିଲେ ।




ବୈଠକରେ ଯୋଗ ଦେଇଥିବା ଅତିଥି।

# ଜରିବସ୍ତା ବଦଳରେ ଅଖାବସ୍ତା ଏବେ ଚାଷୀଙ୍କ ପାଇଁ ଅଡୁଆ

**ଦେଓଗାଁ,୧୪।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତବର୍ଷ ଧାନମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ୧୨ଟି ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟନ ସରିଥିବା ବେଳେ ଏଯାଏ ଧାନକ୍ରୟ ହୋଇପାରିନାହିଁ । ଏହାଛଡା ଅନେକ ପ୍ୟାକ୍ସରେ ସରଞ୍ଜାମ ନ ଥିବା ବେଳେ ହଠାତ ଜରିବସ୍ତା ବଦଳରେ ଅଖାବସ୍ତାରେ ଧାନକ୍ରୟ କରାଯିବାର ନିଷ୍ପତ୍ତି ଚାଷୀଙ୍କୁ ହରଡଘଣାରେ ପକାଇଛି । ବ୍ଲକର ପ୍ରାୟତଃ ଗାଁରେ ଚାଷୀମାନେ ଧାନ ଅମଳ କରିସାରିଥିବା ବେଳେ ଅଧିକାଂଶ ଚାଷୀ ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଜରିବସ୍ତାରେ ଧାନଭର୍ତ୍ତି କରି ରଖିଥିବା ବେଳେ ଏବେ ହଠାତ୍ ଅଖାବସ୍ତାରେ ଧାନ ଆଣିବା ନିର୍ଦ୍ଦେଶ ଚାଷୀଙ୍କୁ ଚିନ୍ତାରେ ପକାଇଛି। ପୁନଶ୍ଚ ପ୍ୟାକ୍ସକୁ ଯାଇ ବସ୍ତା ପ୍ରତି ୨୦ଟଙ୍କା ଜମା କରି ଅଖାବସ୍ତା ନେଇ ଧାନ ଅଦଳବଦଳ କରି ପ୍ୟାକ୍ସକୁ ଆଣିବା ବୋଝ ଉପରେ ନଳିତାବିଡା ସଦୃଶ ବୋଲି ଚାଷୀ ମହଲରେ ଆଲୋଚନାର ବିଷୟ ହୋଇଛି । ଚାଷୀଙ୍କ କହିବାନୁସାରେ ଅଖାବସ୍ତାରେ ଧାନକ୍ରୟ ସ୍ୱାଗତଯୋଗ୍ୟ



ଦେଓଗାଁରେ ଜଣେ ଚାଷୀ ନିଜଖଳାରେ ଧାନକୁ ଜରିବସ୍ତାରେ ଭର୍ତ୍ତି କରି ରଖୁଛନ୍ତି।

**ଧାନମଣ୍ଡି ଖୋଲିବାରେ ବିଳମ୍ବ ନେଇ ଅସନ୍ତୋଷ**

ପଦକ୍ଷେପ । କିନ୍ତୁ ଏହି ପଦକ୍ଷେପ ଅତିକମରେ ଗୋଟିଏ ମାସ ପୂର୍ବରୁ ହୋଇ ଚାଷୀଙ୍କୁ ଆଗତୁରା ବସ୍ତା ଯୋଗାଇଦେବା କଥା । ଏବେ ଅଖାବସ୍ତାରେ ଧାନ ଆଣିବା ନିର୍ଦ୍ଦେଶ ଦ୍ୱାରା ଚାଷୀମାନେ ପୁଣି ଖର୍ଚ୍ଚାନ୍ତ ହେବା ନିଶ୍ଚିତ । ଚଳିତବର୍ଷ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଅନେକଚାଷୀ ଅଭାବି ବିକ୍ରିର ଶିକାର ହୋଇ ସାରିଥିବା ବେଳେ କେତେକ ଚାଷୀ ଖଳାରେ ଧାନକୁ ଶୀତକାକରରେ ଜଗି ରହିଥିବା ବିଡମ୍ବନାର ବିଷୟ ହୋଇଛି । ଏଫଏକ୍ୟୁମାନ ସହ ବସ୍ତା ଓ କଟନୀ ଛଟନୀ ସମସ୍ୟା ଚାଷୀଙ୍କ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଥିବା ଚାଷୀ ମହଲରେ ଆଲୋଚନାର ବିଷୟ ହୋଇଛି । ସମସ୍ୟାକୁ ନେଇ ଦେଓଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଗୋକୁଳ ଚନ୍ଦ୍ର ଭୋଇଙ୍କୁ ପଚାରିବାରେ ଦେଓଗାଁ ବ୍ଲକରେ ଧାନକ୍ରୟ ପାଇଁ ପ୍ରସ୍ତୁତି ସରିଛି। ମିଲର୍ସମାନଙ୍କ କିଛି ସମସ୍ୟା ରହିଥିଲା ତାହା ସମାଧାନ ହୋଇଛି। ଶୀଘ୍ର ଧାନକ୍ରୟ ଆରମ୍ଭ ହେବ ବୋଲି କହିବା ସହ ବସ୍ତା ବିଷୟରେ କହିପାରିବି ନାହିଁ ବୋଲି କହିଥିଲେ। ବସ୍ତା ସମସ୍ୟା ନେଇ କୋଅପରେଟିଭ ଇନ୍ସପେକ୍ଟର ଜଗନ୍ନାଥ ମାଝୀଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିବା ବେଳେ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

## ସଂକ୍ଷେପରେ

### ଜାତୀୟ ଦୌଡ଼ ପ୍ରତିଯୋଗିତାରେ ଭାଗନେବେ ପ୍ରୀତିମୟୀ


ପ୍ରୀତିମୟୀ ଭୁକ୍ତା ।

ଅମରପାଲି,୧୪।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମର ୧୭ ବର୍ଷିଆ ଝିଅ ପ୍ରୀତିମୟୀ ଭୁକ୍ତା ଜାତୀୟସ୍ତରୀୟ ଦୌଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତିମୟୀ ଏବେ ସିଣ୍ଢୋଲ କଲେଜର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଅଟନ୍ତି। ପ୍ରୀତିମୟୀ କଟକ ଜିଲ୍ଲା ଅଡସପୁର ସ୍ଥିତ ଉଦୟନାଥ କଲେଜଠାରେ ଡିସେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ହେଉଥିବା ଯୁକ୍ତ ୨ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ୩ହଜାର ମିଟର ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ସେ ସିଧାସଳଖ ଜାତୀୟସ୍ତର ଦୌଡ଼କୁଦ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଜାନୁୟାରୀ ୪ରୁ ଝାଡ଼ଖଣ୍ଡର ରାଞ୍ଚି ରେ ହେବାକୁ ଥିବା ଜାତୀୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୧୯ବର୍ଷରୁ କମ୍ ବାଳିକା ବର୍ଗରେ ଅଂଶଗ୍ରହଣ କରିବେ। ସେହିପରି ସେ ଯୁକ୍ତ ୨ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୧୫ଶହ ମିଟର ଦୌଡରେ ରୌପ୍ୟ ପଦକ ମଧ ହାସଲ କରିଛନ୍ତି। ପ୍ରିତୀମୟୀଙ୍କ ଏହି ସଫଳତାରେ ସିଣ୍ଢୋଲ କଲେଜ ସଭାପତି ରାମ କୁମାର ସାହୁ, ଅଧକ୍ଷ ଗିରୀଶ ଦାସ, ଖେଳ ଅଧାପକ ସମୀର ରଞ୍ଜନ ସାହୁ ଏବଂ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ, ଆଥାଲେଟିକ ସଂଘ ସଭାପତି ପୀୟୂଷ ପଣ୍ଡାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଓ କ୍ରୀଡାବିତ ଶୁଭେଚ୍ଛା ଜଣେଇଛନ୍ତି।

### ଜୟପୁରରେ ଶ୍ରୀୟା ଚଣ୍ଡାଲୁଣୀ ମଞ୍ଚସ୍ଥ

ଅମରପାଲି,୧୪।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋବର ପଞ୍ଚାୟତର ଜୟପୁର ଗ୍ରାମରେ ମା'ନାରାୟଣୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ନାଟକ ଶ୍ରୀୟା ଚଣ୍ଡାଲୁଣୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ତଥା ପ୍ରବଚକ ଅଇଁଠୁ ସାହୁ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଲକ୍ଷ୍ମୀ ଭୂମିକାରେ ରବି ନାରାୟଣ ଡାଙ୍ଗ, ନାରଦ ବାସୁଦେବ କର୍ଣ୍ଣ, ବଳରାମ ଭୀମସେନ ମେହେର, ଜଗନ୍ନାଥ ନକୁଳ ମେହେର ଅଭିନୟ କରିଥିଲେ।

### ବିକାଶରେ ଗଣେଶ, ସରସ୍ୱତୀ ମନ୍ଦିର ପ୍ରତିଷ୍ଠା

ବରଗଡ଼,୧୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ କ୍ୟାମ୍ପସ ପ୍ରାଙ୍ଗଣରେ ବିଘ୍ନ ବିନାଶକ ଗଣେଶ ଏବଂ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ନୂତନ ଦେବ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଏବଂ ଦାସରୀ ମମତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମ୍ୟାନେଜମେଣ୍ଟ ପରିବାର ସଦସ୍ୟ, ବରିଷ୍ଠ ଅଧିକାରୀ, ଅଧକ୍ଷା, ଅଧକ୍ଷ, ଅଧାପିକା, ଅଧାପକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରିଷ୍ଣାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ୟାମ୍ପସ ଭିତରେ ଆଧାତ୍ମିକ ବାତାବରଣ ବଜାୟ ରହିବା ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଏହି ମନ୍ଦିର ଏକ ସକାରାତ୍ମକ କେନ୍ଦ୍ର ହୋଇ ରହିବ ବୋଲି ରାଓ ଆଶାପୋଷଣ କରିଛନ୍ତି। ରାଜସ୍ଥାନରୁ ବିଶେଷ ଭାବେ ଚୟନ ହୋଇ ଆସିଥିବା କାରୁକାର୍ଯ୍ୟ ପୂର୍ଣ୍ଣ ଏହି ମନ୍ଦିରର ସମସ୍ତ ଅଂଶବିଶେଷ ଏବଂ ମନୋମୁଗ୍ଧକର ମୂର୍ତ୍ତି ଯୁଗଳ ସ୍ଥାପିତ ହେବା ପରେ ଛାତ୍ରୀଛାତ୍ରଙ୍କ ମହଲରେ ଖୁସି ପ୍ରକାଶ ପାଇଛି।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସୋନପୁର,୧୪।୧୨(ମୃତ୍ୟୁଞ୍ଜୟ ଶତପଥୀ)



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ ବୃନ୍ଦ।

ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ ରଶ୍ମିମୋହନ ଅଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାର ଅଦାଲତ ଜଜ ପ୍ରଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲା ଜଜ ଦିଲ୍ଲିପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମିଜିଷ୍ଟ୍ରେଟ୍ ବିଶ୍ୱ ବିଶ୍ରୁତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ, ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ସିଭିଲ ଜଜ୍ ଅମିତାଭ ପଣ୍ଡା, ସୋନପୁର ସିଭିଲ ଜଜ(ସିନିୟର ଡିଭିଜନ) ମହିଳା କୋର୍ଟ ବବିତା ପାତ୍ର, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦେଷ୍ଣା ପଟ୍ଟନାୟକ, ସୋନପୁର ଜେଏମ୍ଏଫ୍‌ସି ଦେବମାଳିନୀ ଐଶର୍ଯ୍ୟା, କିର୍ତ୍ତି ରଞ୍ଜନ ଘଡେଇ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଓକିଲ ରାଜେନ୍ଦ୍ର ଅଗ୍ରୱାଲ, ଝରିଆ ମେହେର, ହେମନ୍ତ କୁମାର ସାଏ, ତାପସ କୁମାର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଆନନ୍ଦ ଅର୍ପଣ ମିଶ୍ର ଓ ମୋନିଷ ନାଗ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି, ଜଳ ବିବାଦ ଓ ମୋଟର ଯାନ ଦୁର୍ଘଟଣା ଭଳି ୩୨୮୭ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୧୧୪ଟିର ଫଇସଲା କରାଯାଇ ମୋଟ ୩୦ଲକ୍ଷ ୧୯ହଜାର ୩୮୭ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ରାଜସ୍ୱ, ଖାଉଟି, ବୈବାହିକ, ଅପରାଧ ଓ ଚେକ୍ ବାଉନ୍ସ ଭଳି ୮୬୯ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୬୦୯ଟି ମାମଲାର ଫଇସଲା କରାଯାଇ ୨୪ଲକ୍ଷ ୬୨ହଜାର ୭୦୨ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସର୍ବମୋଟ ୪୧୫୬ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୭୨୨ଟି ମାମଲାର ଫଇସଲା କରାଯାଇ ୫୪ଲକ୍ଷ ୮୨ହଜାର ୮୯ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**୭୨୨ ମାମଲା ଫଇସଲା, ୫୪.୮୨ ଲକ୍ଷ ଜରିମାନା ଆଦାୟ**

# ବୀରମହାରାଜପୁର ମହିଳା କଲେଜର ବାର୍ଷିକ କ୍ରୀଡ଼ା

ଅମରପାଲି,୧୪।୧୨(ପୀତାମ୍ବର ସାହୁ)

**କାଜଲ ନାୟକ ଶ୍ରେଷ୍ଠ କ୍ରୀଡାବିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ନିକଟସ୍ଥ ବାଗବାର ଚନ୍ଦ୍ରମଣି ମଠ ଓ ହନୁମାନ ବାଟିକାରୁ ମଶାଲ ଶୋଭାଯାତ୍ରାରେ ଆସିଲା ପରେ ବୀରମହାରାଜପୁର କଲେଜର ଅବସରପ୍ରାପ୍ତ ଖେଳ ଶିକ୍ଷକ ନରେନ୍ଦ୍ର ଚାନ୍ଦ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ କଲେଜ ଅଧକ୍ଷ ଆଶୁତୋଷ ହୋତା ସଭାପତିତ୍ୱ କରିଥିଲେ। ଏହି ଅବସରରେ ୧୦୦ମିଟର, ୨୦୦ମିଟର, ୪୦୦ମିଟରର ଦୌଡ଼, ଲମ୍ଫଡିଆଁ, ଶଟପୁଟ ଥ୍ରୋ, ଡିସ୍କସ୍ ଥ୍ରୋ ଓ ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଶିକ୍ଷାବିତ୍ ଡ଼ଃ ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଠ ପଢା ସହ କ୍ରୀଡାର ମହତ୍ତ୍ୱ ବିଷୟରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ରଞ୍ଜିତ କୁମାର ରଥ ଓ ନରେନ୍ଦ୍ର ଚାନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ସନ୍ତୋଷିନୀ ନାୟକ ସଂଯୋଜନା କରିଥିବା ବେଳେ କଲେଜ ଖେଳ ଶିକ୍ଷୟିତ୍ରୀ ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀ କାଜଲ ନାୟକ ତିନୋଟି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଚଳିତବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଥିଲେ। ସନ୍ତୋଷ ବେହେରା, ଓମପ୍ରକାଶ ପଣ୍ଡା, ସୁମନ୍ତ୍ର କଲତା, ପିଙ୍କୁ ଗାଇଗାରିଆ ତଥା କଲେଜର ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ସିଣ୍ଢୋଲରେ ବୃହତ୍ ସ୍ୱାସ୍ଥ୍ୟ ସେବା ଶିବିର


ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଶିବିରକୁ ଜି.ଅଶୋକ କୁମାର ଉଦ୍‌ଘାଟନ କରୁଛନ୍ତି।

ସୋନପୁର,୧୪।୧୨(ମୃତ୍ୟୁଞ୍ଜୟ ଶତପଥୀ)

**ଚିକିତ୍ସିତ ହେଲେ ୧୪୨୬ ରୋଗୀ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲ ଆଞ୍ଚଳିକ ଉଚ୍ଚ ମାଧମିକ ଏବଂ ସ୍ନାତକ ମହାବିଦ୍ୟାଳୟ ପରିସରରେ ବୃହତ ସ୍ୱାସ୍ଥ୍ୟ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ସାମନ୍ତସାହି ସ୍ଥିତ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୫୨ତମ ସ୍ୱାସ୍ଥ୍ୟ ଶିବିର ସିଣ୍ଢୋଲ ଭଳି ଉପାନ୍ତ ଅଞ୍ଚଳରେ ଆୟୋଜିତ ହୋଇଥିଲା। ଭାରତର ବର୍ଷା ପୁରୁଷ ଭାବେ ପରିଚିତ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ଜାତୀୟ ଗଙ୍ଗା ସଫେଇ ଅଭିଯାନର ପୂର୍ବତନ ନିର୍ଦ୍ଦେଶକ ଜି.ଅଶୋକ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ଅଧକ୍ଷ ଗୋଧନେଶ୍ୱର ହୋତା ଓ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୪୨୬ ଜଣ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ଦିଆ ଯାଇଥିଲା। ରାଜ୍ୟର ବିଭିନ୍ନ ସ୍ପେସିଆଲିଟି ଓ ସୁପର ସ୍ପେସିଆଲିଟିର ୨୩ ଜଣ ସୁନାମଧନ୍ୟ ଡାକ୍ତର ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଆବଶ୍ୟକ ସ୍ଥଳେ ରୋଗୀମାନଙ୍କର ରକ୍ତ ପରୀକ୍ଷା, ଏକ୍ସରେ, ୟୁରୋଫ୍ଲୋମେଟ୍ରି, ପଲ୍‌ମୋନାରୀ ଫଙ୍ଗସନ ଟେଷ୍ଟ, ଇସିଜି ଆଦି କରାଯାଇଥିଲା। ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ଏବଂ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡାକ୍ତର ଦଣ୍ଡେଶ୍ୱର ହୋତା ଓ ଟ୍ରଷ୍ଟ ସମ୍ପାଦକ ରାଜେଶ୍ୱର ହୋତା ପ୍ରତ୍ୟକ୍ଷଭାବେ ପରିଚାଳନା କରିଥିଲେ। ରୋଗୀଙ୍କୁ ମାଗଣାରେ ଚଷମା, ଲୁମ୍ବର, ବେଲ୍ଟ, ସର୍ଭାଇକାଲ୍ କୋଲାର ଓ ନି-କ୍ୟାପ୍ ପ୍ରଦାନ ସହ ବିଶେଷଜ୍ଞମାନଙ୍କ ଦ୍ୱାରା ଫିଜିଓଥେରାପି ତାଲିମ ଦିଆଯାଇଥିଲା। ଦନ୍ତରୋଗରେ ପୀଡିତ ରୋଗୀଙ୍କର ଚିକିତ୍ସା କରାଯିବା ସହିତ ଆବଶ୍ୟକସ୍ଥଳେ ସେମାନଙ୍କ ଦାନ୍ତ ମଧ ଉପୁଡା ଯାଇଥିଲା। ଶିବିର ପରିଚାଳନାରେ ୬୦ ଜଣ ପାରାମେଡିକାଲ ଓ ଅନ୍ୟ ସହାୟକ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ। ଡ. ପ୍ରଫୁଲ୍ଲ କୁମାର ରଥ, ଯୁଗଳ କିଶୋର ମିଶ୍ର, କଲେଜର ଅଧକ୍ଷ, ସମସ୍ତ କର୍ମଚାରୀ ଓ କଲେଜ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହି ଶିବିର ଆୟୋଜନରେ ସହଯୋଗ କରିଥିଲେ।

## ଚଳଚଞ୍ଚଳ ବୀରନରସିଂହପୁର

**ଆଜି ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ**

ହରଭଙ୍ଗା,୧୪।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରସ୍ଥିତ ସାଧୁଚରଣ ହାଇସ୍କୁଲ ଖେଳପଡିଆରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଏହି ମେଳା ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସୁନ୍ଦର ଭାବେ ସଜେଇ ହୋଇଛି ଲୋକ ମହୋତ୍ସବ ପଡିଆ । ଗଡଜାତ ଲୋକ ମହୋତ୍ସବ ଚଳିତବର୍ଷ ଅଷ୍ଟମ ବର୍ଷରେ ପହଞ୍ଚିଥିବା ବେଳେ ଏହାକୁ ସରସ, ସୁନ୍ଦର ଓ ଆର୍କଷଣୀୟ କରିବାକୁ ପୁରାମାତ୍ରାରେ ଲାଗିପଡିଛନ୍ତି କମିଟି କର୍ତ୍ତୃପକ୍ଷ। ମହୋତ୍ସବ ପାଇଁ ପୁରା ବୀରନରସିଂହପୁର ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ମହୋତ୍ସବ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରା ବିରାମଚନ୍ଦ୍ରପୁର ସୁବର୍ଣ୍ଣେଶ୍ୱର ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଠାରୁ ବାହାରି ମହୋତ୍ସବ ପଡିଆକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଶୋଭାଯାତ୍ରାରେ ସ୍ଥାନୀୟ କଳାକାର ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।

## ଶକ୍ତି ସଂରକ୍ଷଣ ଦିବସରେ ସଚେତନତା ଶୋଭାଯାତ୍ରା

ଅମରପାଲି,୧୪।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବିଦ୍ୟାଳୟ ଶକ୍ତି କ୍ଲବ ତରଫରୁ ସାମୂହିକ ଶପଥ ଗ୍ରହଣ, ରାଲି ଓ କୁଇଜ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଅଧକ୍ଷତା କରିଥିଲେ। ସଂଯୋଜିକା ଜ୍ୟୋର୍ତିମୟୀ ମିଶ୍ର ଓ ବରିଷ୍ଠ ଶିକ୍ଷକ ବୈକୁଣ୍ଠ ନାୟକ ସଚେତନତା ଦ୍ୱାରା ହିଁ ଶକ୍ତିର ଅପଚୟ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକର ମୁର୍ଷୁଣ୍ଡିସ୍ଥିତ ରଘୁନାଥ ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଙ୍କ ଅଧକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍କୁଲରୁ ଶକ୍ତି ସଂରକ୍ଷଣ ଉପରେ ଏକ ସଚେତନ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲା। ଏହା ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୁଇଜ ପ୍ରତିଯୋଗିତାରେ ରୁଦ୍ରନାରାୟଣ ମଲ୍ଲିକ ପ୍ରଥମ, ସଚିତା ଧଳ ଦ୍ୱିତୀୟ ଓ ସମୀକ୍ଷା ଖେତୀ ଓ ସିପୁନ ପ୍ରଧାନ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପୋଷ୍ଟର ମେକିଙ୍ଗରେ ଶୁଭସ୍ମିତା ବାଘ ପ୍ରଥମ, ଝୁମକି ସାହୁ ଦ୍ୱିତୀୟ ଓ ଜୟରାମ ପଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ମୁର୍ଷୁଣ୍ଡି ହାଇସ୍କୁଲରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ହରଭଙ୍ଗା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ




ହରଭଙ୍ଗା,୧୪।୧୨(ନରେନ୍ଦ୍ର କୁମାର ସାହୁ)

ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟିର ଅଧକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧକ୍ଷତାରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଲୋକ ଅଦାଲତରେ ସର୍ବମୋଟ ୨୦ ଗୋଟି ମାମଲାର ଫଇସଲା ହୋଇଥିବା ବେଳେ ୪ଲକ୍ଷ ୩୬ ହଜାର ୫୦୦ ଟଙ୍କା ଆଦାୟ କରାଯାଇଥିଲା । ସରକାରୀ ଓକିଲ ଅଜିତ ପରିଡା, ସମସ୍ତ ଆଇନଜୀବୀ, ବ୍ୟାଙ୍କ କର୍ତ୍ତୃପକ୍ଷ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀ

ବଘିଆପଡା,୧୩।୧୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ତେଲିବନ୍ଧ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏହି ସମ୍ମିଳନୀ ହୋଇଥିଲା। ସହକାରୀ ଶିକ୍ଷକ ଶମ୍ଭୁ ଗିରି ଅତିଥି ପରିଚୟ ଦେବା ସହ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ, ତେଲିବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମନୀ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ୨୪ ଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ଶେଷରେ ଶିକ୍ଷକ ନିରଞ୍ଜନ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ ।



ସମ୍ମିଳନୀରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ।

# ପରିବେଷିତ ହେଲା ନାଟକ ରାସକୁଞ୍ଜେ ରସରାଜ

**ପଞ୍ଚମ ଦିନରେ ବୌଦ୍ଧ ଧନୁଯାତ୍ରା**

ବୌଦ୍ଧ,୧୪।୧୨(ଅଜିତ କୁମାର ବାରିକ)


ପଞ୍ଚମ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଚାଲିଥିବା ଧନୁଯାତ୍ରା ନାଟ୍ୟୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ। ନାଟକ ପ୍ରାରମ୍ଭରୁ ଏକ ନୃତ୍ୟନାଟିକା ମାତୃରୂପେଣ ସଂସ୍ଥିତା ପରିବେଷିତ ହୋଇଥିଲା। ପଞ୍ଚମ ସନ୍ଧ୍ୟାରେ ରାସକୁଞ୍ଜେ ରସରାଜ ନାଟକ ପରିବେଷିତ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେଉଛି। କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଲୋକନାଥ ମେହେର, ଦେବକୀ ହରିଶଙ୍କର ମେହେର, ନନ୍ଦ ଇନ୍ଦ୍ରମଣି ମେହେର, ଯଶୋଦା ସାନୁର୍ଯ୍ୟା ବାରିକ, ଉଗ୍ରେସନ ବିଶ୍ୱରଞ୍ଜନ ସାହୁ, ଇନ୍ଦୁମତୀ କହ୍ନୁ ସାହୁ, କୃଷ୍ଣ ରୋହିତ ଗୌଡ, ରାଧା ହରିଶଙ୍କର ମେହେର, ସୁବଳ ବିଷ୍ଣୁ ବନଛୋର, ସୁଦାମା ସୋନୁ ବାରିକ, କାଳୀ ବୃନ୍ଦାବନ ମେହେର, ଦୁର୍ଗା ଶୁଭଶ୍ରୀ ବର୍ଗତ୍ତି, ବରାହ ଭୂମିକାରେ ଚନ୍ଦନ ବେହେରା ଅଭିନୟ କରିଥିଲେ। ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମିନାବଜାର ଓ ବାଣିଜ ମେଳାର ଆୟୋଜନ କରାଯାଇଛି।

# ଇସ୍ପାତ ସହରକୁ ବାଂଲାଦେଶୀଙ୍କ ଅବାଧ ପ୍ରବେଶ

■ ଜାତୀୟ ସୁରକ୍ଷା ପ୍ରତି ବିପଦ

■ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ

ରାଉରକେଲା,୧୪।୧୨(ସଙ୍ଗୀତା ଜେନା)

ବର୍ତ୍ତମାନ ବାଂଲାଦେଶୀଙ୍କ ଭାରତକୁ ଅନୁପ୍ରବେଶକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହି କ୍ରମରେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ଏପରି ଅନୁପ୍ରବେଶ ହେଉଥିବା ଅଭିଯୋଗ ହୋଇଛି। ବାଂଲାଦେଶୀମାନେ କୋଲକତା ଦେଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସହଜରେ ଆସୁଛନ୍ତି। ସେମାନେ ବମ୍ବେ-ହାୱଡ଼ା ଟ୍ରେନକୁ ଅଧିକ ସହଜ ସାଧନ ଭାବେ ବ୍ୟବହାର କରୁଛନ୍ତି। ହେଲେ ସେମାନଙ୍କୁ ଚିହ୍ନଟ କରିବା ସହଜ ହୋଇପାରୁନାହିଁ। ବ୍ୟବସ୍ଥିତ ଭାବେ ଉକ୍ତ ଅନୁପ୍ରବେଶକାରୀମାନେ ରାଜ୍ୟରେ ପଶୁଛନ୍ତି। ବାଂଲାଦେଶୀଙ୍କୁ ଏଠାକୁ ଆଣିବା ପାଇଁ ସ୍ୱତନ୍ତ୍ର ର୍ୟାକେଟ କାର୍ଯ୍ୟ କରୁଛି ବୋଲି ଅଭିଯୋଗ ହେଉଛି।

ରାଉରକେଲା, ସୁନ୍ଦରଗଡ଼କୁ ଆସୁଥିବା ବାଂଲାଦେଶୀମାନେ ଉଭୟ ରାଉରକେଲା ଇସ୍ପାତ ଅଞ୍ଚଳ ଏବଂ ମହାନଗର ନିଗମର ବସ୍ତିଗୁଡ଼ିକରେ ଡେରା ପକାଇ ରହୁଛନ୍ତି। ସେମାନଙ୍କ ପେଟପାଟଣା ଓ ରହିବା ପାଇଁ କୌଣସି ସମସ୍ୟା ହେଉନାହିଁ। ଏଥିପାଇଁ ସ୍ୱତନ୍ତ୍ର ଇକୋ ସିଷ୍ଟମ କାର୍ଯ୍ୟ କରୁଛି ବୋଲି ଆଲୋଚନା ହେଉଛି। ଗତ ୧୫ ବର୍ଷରେ ଇସ୍ପାତ ସହରରେ ସେମାନଙ୍କ ସଂଖ୍ୟା ବୃଦ୍ଧି ହେବା ସହ ଛତୁ ଫୁଟିବା ପରି ଛୋଟ ବଡ଼ ବସ୍ତି ଗଢ଼ିଉଠିଛି। ବିଭିନ୍ନ ଚୋରି, ଛିନ୍‌ତାଇ ଭଳି ଆପରାଧିକ ମାମଲାରେ ସେମାନେ ଜଡ଼ିତ ହେଉଛନ୍ତି। ଏପରି କ୍ଷେତ୍ରରେ କେବଳ ସେମାନେ କରିଥିବା ଅପରାଧ ସମ୍ପର୍କିତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ବ୍ୟତୀତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାଦ୍ୱାରା ଜାତୀୟ ତଥା ସହର ସୁରକ୍ଷା ଉପରେ ବିପଦ ରହିଥିବା କୁହାଯାଉଛି। ରାଉରକେଲା ସହରରେ ରାଷ୍ଟ୍ରାୟତ୍ତ କମ୍ପାନୀ, ଜାତୀୟସ୍ତରର ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ରେଳ ଜଙ୍କସନ୍ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ସେମାନେ ଅବାଧରେ ଏସବୁ ଅନୁଷ୍ଠାନରେ ପଶିପାରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଗତ ଦିନରେ ରାଉରକେଲାରୁ ୪ଜଣ ସିମି ଆତଙ୍କବାଦୀ ଗିରଫ ହେବା ଘଟଣା ଏଭଳି ଆଶଙ୍କାକୁ ଦୃଢ କରିଛି।

ମିଳିଥିବା ସରକାରୀ ସୂଚନା ଅନୁଯାୟୀ, ଓଡ଼ିଶାରେ ୧ଲକ୍ଷ ୫୭ହଜାର ୪୩୨ ଜଣ ବାଂଲାଦେଶୀ ରହିଛନ୍ତି। ମାଲକାନାଗିରି, ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ସମେତ ଅନ୍ୟ ଜିଲାରେ ଏମାନଙ୍କୁ ଚିହ୍ନଟ କରି ଗଣନା କରାଯାଉଛି। ହେଲେ ସୁନ୍ଦରଗଡ଼ ସମେତ ରାଉରକେଲାରେ ଏପରି ଗଣନାର କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ସେହିପରି ରେଳ ବ୍ୟତୀତ ରାଉରକେଲା ପୋଲିସ ଜିଲାର ବିଶ୍ରା, ଲାଠିକଟା ସମେତ ଅନ୍ୟ ବ୍ଲକର ଗଳାବାଟରେ ସେମାନେ ସହଜରେ ଅନୁପ୍ରବେଶ କରୁଥିବା ଚର୍ଚ୍ଚା ହେଉଛି। ଶିଳ୍ପାଞ୍ଚଳର ବିଭିନ୍ନ ସେକ୍ଟରରେ ଥିବା ଖାଲି ସରକାରୀ ଜମି ଉପରେ ବସ୍ତି କରି ରହୁଛନ୍ତି। ପେଟ ପୋଷିବା ପାଇଁ ବିଭିନ୍ନ ସାମଗ୍ରୀ ଫେରି କରିବା, ଇଟାଭାଟି, ଠିକା ସଂସ୍ଥାମାନଙ୍କରେ ଶସ୍ତା ଶ୍ରମିକ ଭାବେ କାର୍ଯ୍ୟ କରିବାରେ ନିୟୋଜିତ ହେଉଛନ୍ତି।

ଏ ସମ୍ପର୍କରେ ଭିଏଚ୍‌ପି ସମରସତ୍ତା ବିଭାଗର ପଶ୍ଚିମ ଓଡ଼ିଶା ମୁଖ୍ୟ ଶାନ୍ତନୁ କୁସୁମ ଅଭିଯୋଗ କରି କହିଛନ୍ତି, ବାଂଲାଦେଶୀମାନଙ୍କୁ ଯୋଜନାବଦ୍ଧ ଭାବେ ସହରକୁ ଅଣାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ର୍ୟାକେଟ ସକ୍ରିୟ ରହିଛି। କାମ ଓ ଘର ପାଇଁ ଇକୋ ସିଷ୍ଟମ ରହିଛି। ଏ ଦିଗରେ ପୋଲିସ ପ୍ରଶାସନର କଠୋର ଆଭିମୁଖ୍ୟ ରହିବା ଉଚିତ। ସେମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଇକୋ ସିଷ୍ଟମକୁ ନଷ୍ଟ କରିବାକୁ ହେବ। ସେମାନେ ଜାତୀୟ ସୁରକ୍ଷା ପ୍ରତି ବିପଦ ଏବଂ ଜାତୀୟ ଅର୍ଥନୀତିକୁ ମଧ ବହୁ ମାତ୍ରାରେ ପ୍ରଭାବିତ କରୁଛନ୍ତି। ଶୌଚାଳୟ ନିର୍ମାଣଠାରୁ ଆରମ୍ଭ କରି ସହରର ପ୍ରଶାସନିକ ବିଲ୍ଡିଂ ଓ ଅନ୍ୟ ନିର୍ମାଣକାର୍ଯ୍ୟରେ ସେମାନେ ଶସ୍ତା ଶ୍ରମିକ ଭାବେ ନିୟୋଜିତ ହେଉଛନ୍ତି। ସ୍ଥାନୀୟ ଶ୍ରମିକ ମାନଙ୍କ ଠାରୁ କମ୍ ପାରିଶ୍ରମିକ ନେଉଥିବା ଯୋଗୁ ସେମାନେ ଠିକାଦାରଙ୍କ ପ୍ରଥମ ପସନ୍ଦ ସାଜୁଛନ୍ତି ବୋଲି କୁସୁମ କହିଥିଲେ।

ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କୁ ପଚରାଯିବାରୁ ସେ କହିଲେ, ବାଂଲାଦେଶୀଙ୍କୁ ଚିହ୍ନଟ କରାଗଲେ ତାଙ୍କ ଦେଶକୁ ପଠାଇବାକୁ ନିର୍ଦ୍ଦେଶ ରହିଛି। ଏହି ପ୍ରକ୍ରିୟା ଜାରି ରହିଛି। ଏହାବ୍ୟତୀତ ଆମ ପୋଲିସ ବୈଠକରେ ଲୋକଙ୍କୁ ପୋଲିସ ପକ୍ଷରୁ ସଚେତନ କରାଯାଉଛି। ତେବେ ଅଧିକାଂଶ କ୍ଷେତ୍ରରେ ସେମାନଙ୍କ ଭାଷା ଯୋଗୁ ଅନ୍ୟ ଲୋକମାନେ ମଧ୍ୟ ବାଂଲାଦେଶୀର ଆଖ୍ୟା ପାଇଥାନ୍ତି। ତେଣୁ ପ୍ରକୃତ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ପଡିଥାଏ ବୋଲି ମିଶ୍ର କହିଥିଲେ।

# ଶୌଚାଳୟରେ ସେବା ଦେୟ ଆଦାୟ ଅଭିଯୋଗ




ଟିସ୍କୋ କ୍ୱାର୍ଟିସ୍ଥିତ ସାର୍ବଜନୀନ ଶୌଚାଳୟ।

ରାଉରକେଲା,୧୪।୧୨(ବିପ୍ଲବ ରଞ୍ଜନ ଦାଶ)

ସର୍ବସାଧାରଣ ଶୌଚାଳୟକୁ ସରକାର ଦେୟମୁକ୍ତ କରିଥିଲେ ମଧ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଆରଏମସି ଅଧୀନ ବିଭିନ୍ନ ଛକରେ ଥିବା ସାଧାରଣ ଶୌଚାଳୟରେ ଲୋକମାନଙ୍କର ନିକଟରୁ ସେବା ଦେୟ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି।

ରାଉରକେଲା ସହରରେ ମୋଟ ୧୧୫ଟି ଶୌଚାଳୟ ଥିବାବେଳେ ୬୫ଟି କମ୍ୟୁନିଟି ଶୌଚାଳୟ ଏବଂ ୫୦ଟି ସାଧାରଣ ଶୌଚାଳୟ ରହିଛି। ତେବେ ୨୦୨୩ ମାର୍ଚ୍ଚ ୧ତାରିଖରୁ ସମୁଦାୟ ଶୌଚାଳୟରେ ସେବା ଦେୟ କୋହଳ ହୋଇସାରିଛି। ଏହାସତ୍ତ୍ୱେ ବିଭିନ୍ନ ଶୌଚାଳୟରେ ଲୋକମାନଙ୍କଠାରୁ ଦେୟ ଆଦାୟ କରାଯାଉଛି। ଅଧିକାଂଶ ଲୋକ ସହରରେ ଥିବା ଶୌଚାଳୟରେ ମାଗଣା ସ୍ନାନଶୌଚ ସୁବିଧା ଉପଲବ୍ଧ ରହିଥିବା ବିଷୟରେ ଅଜ୍ଞ ରହୁଥିବା ବେଳେ ଏହାର ଭରପୁର ଫାଇଦା ଉଠାଉଛନ୍ତି ଶୌଚାଳୟ ପରିଚାଳକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆର୍‌ଏମ୍‌ସି ପକ୍ଷରୁ ପ୍ରତି ମାସ ସହରରେ ଥିବା ଶୌଚାଳୟ ଗୁଡିକର ତଦାରଖ କରାଯିବା ନିୟମ ରହିଛି। ମାତ୍ର ଆର୍‌ଏମ୍‌ସି କର୍ତ୍ତୃପକ୍ଷ ସହରର ଶୌଚାଳୟର ସମସ୍ତ ଦାୟିତ୍ୱ ପରିଚାଳକଙ୍କ ଉପରେ ଛାଡି ଦେଇ ଚୁପ୍ ରହୁଛନ୍ତି। କେବଳ କାଗଜ କଲମରେ ଶୌଚାଳୟର ତଦାରଖ କାର୍ଯ୍ୟ ସୀମିତ ରହୁଛି।

ଅନ୍ୟପକ୍ଷେ ଅଧିକାଂଶ ସର୍ବସାଧାରଣ ଶୌଚାଳୟ ସାମ୍ନାରୁ ଚକ୍ ଚକ୍ ରହୁଥିବା ବେଳେ ଭିତରକୁ ଗଲେ ଅବସ୍ଥା ଦୟନୀୟ ଥିବା ପରିଲକ୍ଷିତ ହେଉଛି। ଟଏଲେଟ ଗୁଡିକର ୱାଟର ଟ୍ୟାପ୍ ଗୁଡିକ ଭାଙ୍ଗି ଯାଇଥିବା ବେଳେ ଅନବରତ ପାଣି ଝରୁଛି। ଏଥିସହ ଟଏଲେଟ ଗୁଡିକ ଭଲ ଭାବେ ସଫେଇ ହେଉନାହିଁ। ଫଳରେ ଲୋକମାନେ ସ୍ନାନଶୌଚ ପାଇଁ ଦେୟ ପ୍ରଦାନ କରି ମଧ ଠିକ୍ ସେବା ପାଇ ପାରୁନାହାଁନ୍ତି। ଏ ନେଇ ଆର୍‌ଏମ୍‌ସି ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ସହରର କାହ୍ନୁ ନାଇକ, କୁନୁ ଖାଡିଆ, ରଶ୍ମୀ ଖାଡିଆ, ମୀନା କେରକେଟା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ତୁରନ୍ତ ଏହାର ସମାଧାନ ପାଇଁ ସାର୍ବଜନିକ ଶୌଚାଳୟ ଗୁଡିକର ଅନୁଧ୍ୟାନ ନିମନ୍ତେ ମହାନଗର ନିଗମର ସାନିଟାଇଜ ବିଭାଗକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଥିଲେ।

# ଜ୍ଞାନଜ୍ୟୋତି ସ୍କୁଲରେ ଆନ୍ତଃ ବିଦ୍ୟାଳୟ ପ୍ରଦର୍ଶନୀ



ରାଉରକେଲା,୧୪।୧୨(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲରେ ଶନିବାର ଆନ୍ତଃ ବିଦ୍ୟାଳୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆ ଶିକ୍ଷା ପଦ୍ଧତି-୨୦୨୦ ମଧ୍ୟରେ ପ୍ରତ୍ୟେକ ବିଷୟବସ୍ତୁ ଉପରେ ପ୍ରକଳ୍ପମାନ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ବିଜ୍ଞାନ, ଗଣିତ, ଇଂଲିଶ, ଓଡ଼ିଆ, ହିନ୍ଦୀ, ସାମାଜିକ ବିଜ୍ଞାନ, କମ୍ପ୍ୟୁଟର ଓ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବରେ ଏନ୍‌ଆଇଟିର ପ୍ରଫେସର ଜ୍ୟୋତିପ୍ରକାଶ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭବିଷ୍ୟତରେ ପିଲାମାନେ ଜଣେ ଜଣେ ଭଲ ନାଗରିକ ହେବା ସହ ନିଜକୁ ଆତ୍ମନିର୍ଭର କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଏଥିରେ ସହରର ସିବିଏସ୍‌ଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଡ. ମୀନାକ୍ଷୀ ତ୍ରିପାଠୀ ଷଡଙ୍ଗୀ, ଅନିଷ୍ଠା ଜ୍ୟୋତିଷୀ, ରାକ୍ଷୀ ସାହୁ, ରଶ୍ମିତା ସାମଲ, ପ୍ରିୟମ୍ବଦା ବାରିକ, ସୁରେଶ ଶତପଥୀ, ରୀତାରାଣୀ ପାଇକରାୟ, ସରୋଜ ପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ସରିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ସମ୍ବିତ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ନମ୍ରତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଆରମ୍ଭ



ମୁଖ୍ୟ ଅତିଥି ପ୍ରଦୀପ ଜାଳି ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ରାଉରକେଲା,୧୪।୧୨(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ରିମ୍ସ କଲେଜ ପରିସରରେ ଶନିବାର ରାଉରକେଲା ବଧିର ସଂଘ ପକ୍ଷରୁ ଦୁଇଦିନିଆ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଆରମ୍ଭ ହୋଇଛି। ସମିତି ସମ୍ପାଦକ ଫୟେଜ ଅହମ୍ମଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ରିମ୍ସର ନିର୍ଦ୍ଦେଶକ ଡକ୍ଟର କରୁଣାକର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋଲକତାସ୍ଥିତ ଭାରତୀୟ ବଧିର ଚଳଚ୍ଚିତ୍ର ସଂଘ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ଭାରତର ବିଭିନ୍ନ ରାଜ୍ୟରୁ ୩ଶହରୁ ଊର୍ଦ୍ଧ୍ୱ ମୁକବଧିର ଉପସ୍ଥିତ ରହି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଦିଲୀପ କୁମାର ପଟେଲ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପରିବାରରେ ଶାଶୁ ଓ ବୋହୁର ଭୂମିକାକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।



ଆଲୋଚନାଚକ୍ରରେ ଅତିଥି ଏବଂ ବ୍ରହ୍ମଚାରିଣୀ ବ୍ରହ୍ମଚାରୀ ।

# ଗୀତା ସମସ୍ତ ଶାସ୍ତ୍ରର ମୂଳାଧାର

ରାଉରକେଲା,୧୪।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶନିବାର 'ଗୀତାରେ ମାନବବାଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରମହଂସ ସ୍ୱାମୀ ଅଡଗଡାନନ୍ଦଜୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସର୍ବ ସମର୍ଥ ପରମାତ୍ମା ସମସ୍ତ ଜୀବ ମଧ୍ୟରେ ବିରାଜମାନ କରିଛନ୍ତି। ଏହି ଦୃଷ୍ଟିରୁ ଶ୍ରୀକୃଷ୍ଣୋକ୍ତ ଗୀତା ଶାଶ୍ୱତ ଏବଂ ପବିତ୍ର ଗ୍ରନ୍ଥ ଅଟେ। ଗୀତା ହେଉଛି ବେଦ, ଉପନିଷଦ, ବେଦାନ୍ତ ଓ ଯୋଗ ଶାସ୍ତ୍ରର ମୂଳାଧାର ବୋଲି ସେ କହିଥିଲେ। ସୁରେଶ ଚନ୍ଦ୍ର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗର ମଣିଷ ପାଇଁ ଗୀତାର ମାହାତ୍ମ୍ୟ ବିଷୟରେ ଜାଣିବା ଅନିବାର୍ଯ୍ୟ। ଯାହାଦ୍ୱାରା ବର୍ତ୍ତମାନ ବ୍ୟସ୍ତବହୁଳ ମଣିଷ ମନରେ ଉଙ୍କି ମାରୁଥିବା ବିଷାଦ ଦୂରୀଭୂତ ହେବ ଏବଂ ପରମାତ୍ମା ସ୍ୱରୂପ ଅଦୃଶ୍ୟ ଶକ୍ତି ସହିତ ସମ୍ପର୍କ ଯୋଡିବାରେ ସକ୍ଷମତା ଲାଭ କରିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ୟାମମାଳା ଦାସ, ଡ. ପରମେଶ୍ୱର ଶତପଥୀ, କେଦାର ନାଥ ପାଢୀ, ରବିନ୍ଦ୍ର କୁମାର ପୃଷ୍ଟି ଓ ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବ୍ରହ୍ମଚାରିଣୀ ଓ ବ୍ରହ୍ମଚାରୀଙ୍କ ମଧ୍ୟରେ ଗୀତା ଟ୍ରଷ୍ଟ ତରଫରୁ ଗୀତା ପୁସ୍ତିକା ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ପୋଲିସର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ରାଉରକେଲା,୧୪।୧୨(ଦିନେଶ ମିଶ୍ର):



ରାଉରକେଲା ରିଜର୍ଭ ପରେଡ ପଡ଼ିଆ ପରିସରରେ ଜିଲା ପୋଲିସ ପକ୍ଷରୁ ଆୟୋଜିତ ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ-୨୦୨୪ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ୫ ଦିନିଆ ପ୍ରତିଯୋଗିତାରେ ଜିଲା ପୋଲିସ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟସ୍ତ ବହୁଳ କାର୍ଯ୍ୟ ଭିତରେ ପ୍ରତ୍ୟେକ ମଣିଷ ଜୀବନରେ କ୍ରୀଡ଼ାର ଆବଶ୍ୟକତା ରହିଛି। କ୍ରୀଡ଼ା ମଣିଷର ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ କରିବା ସହ ଧୈର୍ଯ୍ୟ ଓ ପରିସ୍ଥିତିକୁ କିଭଳି ମୁକାବିଲା କରିବାକୁ ହୋଇଥାଏ ତାହା ଆମକୁ ଶିଖାଇଥାଏ ବୋଲି ଡିଆଇଜି ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ଉତ୍ସବରେ କ୍ରିକେଟ, ହକି, ଭଲିବଲ, ଦୌଡ଼, ଜ୍ୟାଭଲିନ୍ ଥ୍ରୋ ଆଦି ବିଭାଗରେ ଖେଳ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ରିଂରୋଡ୍‌ରେ ଗାଡ଼ି ଅନ୍‌ଲୋଡିଂ, ଯାତାୟାତରେ ବାଧା

ରାଉରକେଲା,୧୪।୧୨(ଦିନେଶ ମିଶ୍ର)

ଟ୍ରାଫିକ୍ ବିଭାଗର ନିଘା ନାହିଁ



ରାଉରକେଲା ସହର ରାସ୍ତାରେ ଭାରିଯାନଗୁଡିକ ବେଆଇନ ଭାବେ ବିଭିନ୍ନ ଜିନିଷ ଅନ୍‌ଲୋଡିଂ କରୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଭଳି ଦୃଶ୍ୟ ରାଉରକେଲା ରିଂରୋଡ୍ ଡିଏଭି ସରୋବର ନିକଟ ଛକ ରାସ୍ତାରେ ଦେଖିବାକୁ ମିଳୁଛି।

ରିଂରୋଡ୍ ଡିଏଭି ସରୋବର ରାସ୍ତା ସହରର ଏକ ପ୍ରମୁଖ ରାସ୍ତା। ଶନିବାର ହାଇଦ୍ରାବାଦ୍‌ରୁ ଆସିଥିବା ଏକ ୧୨ ଚକିଆ ଭାରିଯାନ ଏହି ରାସ୍ତାରେ ଅଟକି ଏକ କମ୍ପାନୀର ୩ ଚକିଆ ଅଟୋ ଅନ୍‌ଲୋଡ୍ କରିଥିଲା। ଫଳରେ ଉକ୍ତ ରାସ୍ତା ସଙ୍କୁଚିତ ହେବା ସହ ଅନ୍ୟ ଗାଡ଼ି ଯାତାୟାତରେ ସମସ୍ୟା ହୋଇଥିଲା। ନିୟମ ଅନୁଯାୟୀ ସହରକୁ କୌଣସି ଭାରିଯାନ ଆସିଲେ ତାହା ନୋ ଏଣ୍ଟ୍ରି ସମୟରେ ପଶିବା ନିଷେଧ ହୋଇଥାଏ। ଏଥିସହ ଗାଡି ଅନ୍‌ଲୋଡିଂ ଓ ଅପ୍‌ଲୋଡିଂ ବିଶେଷ କରି ସେହି ଶୋରୁମ୍‌ର ଷ୍ଟକିୟାର୍ଡ ନଚେତ ଶୋରୁମ୍ ପରିସରରେ ବ୍ୟବସ୍ଥା କରାଯାଇଥାଏ। ମାତ୍ର ରାଉରକେଲାରେ ଏଭଳି କେତେଜଣ ଗାଡ଼ି ଶୋରୁମ୍ ମାଲିକ ମନଇଚ୍ଛା ଯେଉଁଠି ପାରୁଛନ୍ତି ଗାଡି ଗୁଡିକୁ ଦିନବେଳା ରାସ୍ତାକଡରେ ଅନ୍‌ଲୋଡ୍ କରାଉଛନ୍ତି। ଅଟୋ ଅନ୍‌ଲୋଡ୍ ହେଉଥିବା ସ୍ଥାନରୁ ଶୋରୁମ୍ ପ୍ରାୟ ୩ କିଲୋମିଟର ଦୂରରେ ରହିଥିଲେ ମଧ୍ୟ ରିଂରୋଡ୍‌ରେ ଏଭଳି ବେଆଇନ ଭାବେ ଅନ୍‌ଲୋଡ୍ କରାଯାଉଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଦିନଦ୍ୱିପ୍ରହରରେ ହେଉଥିଲେ ମଧ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ଟ୍ରାଫିକ ଇନ୍ସପେକ୍ଟର ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଦିନ ଦ୍ୱିପ୍ରହରରେ ଏଭଳି ଜନଯାତାୟାତ ରାସ୍ତାରେ ଭାରିଯାନ ପାର୍କିଂ କରିବା ବେଆଇନ ଅଟେ। ରିଂରୋଡ୍‌ରେ ଏଭଳି ଗାଡି ଅନ୍‌ଲୋଡିଂ ଓ ଅପ୍‌ଲୋଡିଂ ନେଇ ଆମ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆଗାମୀ ଦିନରେ ଏଥିପ୍ରତି ଆମେ ଦୃଷ୍ଟି ରଖି ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଭାରିଯାନ ଉପରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ବେହେରା ସୂଚନା ଦେଇଥିଲେ।

# ଡିଏଭି ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରାଉରକେଲା,୧୪।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନି ସ୍ଥିତ ଡକ୍ଟର ଏ.ଏନ୍.କେ ଖୋସଲା ଡିଏଭି ସ୍କୁଲ ପରିସରରେ ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ର ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ସମୀର ପାତ୍ର ଓ ସହଯୋଗୀ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅଭିଭାବକମାନେ ଯୋଗଦେଇ ମଧୁମେହ, ରକ୍ତଚାପ, ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି ଶିବିରରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଯୋଗଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସ୍କୁଲର ବିଦ୍ୟାର୍ଥୀମାନଙ୍କ ପାଇଁ ଅନ୍ୟ ଏକ ଶିବିର ଆୟୋଜନ କରାଯିବ ବୋଲି ଅଧ୍ୟକ୍ଷ ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ସ୍କୁଲର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ସ୍ୱାଇଁ, ବିଜୟ କୁମାର ମିଶ୍ର, ପ୍ରବୀର ମିଶ୍ର ଓ ସ୍ମିତା ରାୟ, କନକଲତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୪୦୧ ମାମଲା ଫଇସଲା

ରାଉରକେଲା,୧୪।୧୨(ସଙ୍ଗୀତା ଜେନା)

ରାଉରକେଲା ବିରଜାପାଲୀସ୍ଥିତ ନୂଆକୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଟି ଯାନବାହନ ସମ୍ପର୍କିତ ମାମଲାରେ ୩ କୋଟି ୮୧ ଲକ୍ଷ ୧୦ ହଜାର ଏକ ଶହ ଟଙ୍କା, ୪୦ଟି ଚେକ୍ ବାଉନ୍ସିଂ ମାମଲାରେ ୮୩ ଲକ୍ଷ ୯୧ ହଜାର ୬ଶହ ୨୪ ଟଙ୍କା, ମନି ରିକଭରି (ଅର୍ଥ ଅସୁଲ) ୧୮ଟି ମାମଲାରେ ୧ କୋଟି ୨୦ ଲକ୍ଷ ୬୯ ହଜାର ୫ ଶହ ୭୬ ଟଙ୍କା, ଅନ୍ୟ ୧୬ଟି ଦେୱାନୀ ମାମଲାରେ ୬୬ ଲକ୍ଷ ୧୨ ହଜାର ୩ ଶହ୩୯ ଟଙ୍କା, ୧୫ଟି ପରିବାରକୁ ଏକତ୍ରୀକରଣ ଏବଂ ୨୬୨ଟି ଅନ୍ୟ ଆପରାଧିକ ମାମଲା ସମାଧାନ ହୋଇଥିଲା। ଏହି ଲୋକ ଅଦାଲତରେ ୨ଟି ବେଞ୍ଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବେଞ୍ଚରେ ପ୍ରଥମ ଏଡିଜେ ମୁକ୍ତି ରଞ୍ଜନ ଶତପଥୀ, ଆଇନଜୀବୀ ବି. ସି. ନାୟକ, ସମାଜସେବୀ ନିନାରାଣୀ ଜେନା ଉପସ୍ଥିତ ଥିଲେ। ଦ୍ୱିତୀୟ ବେଞ୍ଚରେ ଦ୍ୱିତୀୟ ଏଡିଜେ ମନୋଜ କୁମାର, ଆଇନଜୀବୀ ବି.କେ. ପାତ୍ର, ସମାଜସେବୀ ସ୍ନେହଲତା ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ଆଇନଜୀବୀ ଗିରିଶ ମହାପାତ୍ର, ଦଣ୍ଡପାଣି ଚୌଧୁରୀ, ଆରତୀ ଚୌଧୁରୀ, ଏସ୍. କେ. ବିଶି, ବିଏନ୍ ପରିହାରୀ, ନିର୍ମଳ ସ୍ୱାଇଁ, ଅମୂଲ୍ୟ ମହାପାତ୍ର, ପ୍ରଣବ ପାତ୍ର, ମନୋଜ ପଟ୍ଟନାୟକ, ଏସ୍. ହୋତା, ଏ. ବି. ଷଡଙ୍ଗୀ, ଏ. କେ. ଦତ୍ତ, ଏସ୍. କେ. ବାରିକ, ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଲୋକ ଅଦାଲତରେ ମାମଲାର ସମାଧାନ କରାଯାଉଛି।

# ଅସାବଧାନତାରୁ ଦୁର୍ଘଟଣା ଶିଖାଇଲା ନାଟକ

ରାଉରକେଲା,୧୪।୧୨(ବିପ୍ଲବ ରଞ୍ଜନ ଦାଶ)



ଦୁର୍ଘଟଣା ମୁକ୍ତ ଭାରତ ନାଟକର ଏକ ଦୃଶ୍ୟ।

କସ୍ତୁରୀ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପ୍ରତ୍ୟେକ ଦିନ ସାମାନ୍ୟ ଅସାବଧାନତା ଯୋଗୁ ଅନେକ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ହେଲମେଟ ନ ପିନ୍ଧିବା, ସିଟ୍ ବେଲ୍ଟ ନ ବାନ୍ଧିବା, ଆବଶ୍ୟକତାଠାରୁ ଅଧିକ ବେଗରେ ଗାଡି ଚଳାଇବା, ଟ୍ରାଫିକ ନିୟମକୁ ଅଣଦେଖା କରିବା, ଗାଡି ଚଳାଇବା ସମୟରେ ଫୋନରେ ଗପିବା, ନିଶାସକ୍ତ ହୋଇ ଗାଡି ଚଳାଇବା ଭଳି ଅସାବଧନାତା ଦୁର୍ଘଟଣା ଘଟାଏ। ଏହିସବୁ ବିଷୟ ବସ୍ତୁକୁ ଆଧାର କରି ଶନିବାର ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ କସ୍ତୁରୀ ସାଂସ୍କୃତିକ ମହୋତ୍ସବ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ଦିବ୍ୟାଙ୍ଗ ପିଲାମାନଙ୍କ ଦ୍ୱାରା ପରିବେଷିତ ନାଟକରେ ନିଖୁଣ କଳାକାରିତା ପରିପ୍ରକାଶ ପାଇଛି। ଏଥିରେ ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଦୀପ କୁମାର ପାଳ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କସ୍ତୁରୀର ସଭାପତି ଦିଲୀପ କୁମାର ଭଞ୍ଜ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ରାଧେଶ୍ୟାମ ମହାନ୍ତି କସ୍ତୁରୀର ଆଭିମୁଖ୍ୟ କହିଥିଲେ। ପରେ ପ୍ରଶାନ୍ତ ସେଠୀଙ୍କୁ କସ୍ତୁରୀ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହାପରେ ଅୟଶ୍ରୀ ସାମଲଙ୍କ ଦ୍ୱାରା ଦେବଦାସୀ ନୃତ୍ୟ ପରିବେଷଣ ହୋଇଥିଲା। ପରେ ମାରଙ୍ଗବୁରୁ ସାଂସ୍କୃତିକ ସଂଘ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ଏବଂ ବାଦ୍ୟ ପରିବେଷଣ ହୋଇଥିଲା। ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା ଭିନ୍ନକ୍ଷମ ବିଦ୍ୟାଳୟ ଶ୍ରଦ୍ଧା, ସେକ୍ଟର-୧୬ ଛାତ୍ରୀଛାତ୍ର ଓ ଅଭିଭାବକ ସଂଘ ଦ୍ୱାରା ପରିଚାଳିତ ହୋମ ଏଣ୍ଡ ହୋପ୍‌ର ଛାତ୍ରୀଛାତ୍ରଙ୍କ ଅଭିନୀତ ନୃତ୍ୟ ନାଟିକା ଦୁର୍ଘଟଣା ମୁକ୍ତ ଭାରତ। ଏହି ନୃତ୍ୟ ନାଟିକାରେ ଯମରାଜ ସହିତ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିବା ଭିନ୍ନକ୍ଷମ କଳାକାରଙ୍କ ପ୍ରତିଟି ଦୃଶ୍ୟ ଦର୍ଶକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା। ଅନୁଷ୍ଠାନର ଉପ ସଭାପତି ତାପସ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ବାଇକ୍ ଆରୋହୀ ମୃତ

ରେଢାଖୋଲ,୧୪।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସହର ଉପକଣ୍ଠସ୍ଥ ୫୫ନଂ ଜାତୀୟ ରାଜପଥର ତାରେଣି ଢାବା ନିକଟରେ ଅପରାହ୍ଣ ସାଢେ ୪ଟାରେ ଏକ ଟ୍ୟାଙ୍କର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ସାଲେଡିହି ଗ୍ରାମର ବିଦେଶି ମୁଣ୍ଡା(୩୦)। ରେଢାଖୋଲ ପୋଲିସ ମୃତଦେହ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ବିଦେଶି ବାଇକ( ନଂ. ଓଡି ୧୪ ଏକ୍ସ ୦୦୯୩) ଯୋଗେ ପୋଡାବଲଣ୍ଡାରୁ ଆସୁଥିବା ବେଳେ ତାରେଣୀ ଠାବା ନିକଟରେ ସମ୍ବଲପୁର ପଟକୁ ଯାଉଥିବା ତେଲଟ୍ୟାଙ୍କର (ନଂ. ଓଡି ୨୯ କେ ୨୫୯୦) ଧକ୍କା ଦେଇଥିଲା। ବାଇକ ସହ ଯୁବକଙ୍କୁ ପ୍ରାୟ ଶହେ ମିଟର ଘୋଷାଡି ନେଇଥିଲା ଟ୍ୟାଙ୍କର। ମୃତ ଯୁବକ ନିର୍ମାଣାଧୀନ ଚାରିଥାକିଆ ୫୫ନଂ ଜାତୀୟ ରାଜପଥର ଏଆଇପିଏଲ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣାପଡିଛି। ରବିବାର ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଖବରଦାତା ମୁଖରିତ ହୁଅନ୍ତୁ

ସମ୍ବଲପୁର,୧୪।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ପୂର୍ବତନ ଜିଲାପାଳ ନରେନ୍ଦ୍ର ମିଶ୍ର ଶନିବାର ସମ୍ବଲପୁର ଗସ୍ତରେ ଆସି ଜିଲା ସାମ୍ବାଦିକ ଭବନ ପରିଦର୍ଶନ କରିଥିଲେ। ଏହି ଅବସରରେ ସମ୍ବଲପୁରରେ ୧୯୯୭ ମସିହାରେ ପ୍ରଥମ ଥର ଲୋକ ମହୋତ୍ସବ ଆୟୋଜନ ନେଇ ରହିଥିବା ଅନୁଭୂତି ବଖାଣିଥିଲେ। ସମ୍ବଲପୁରର ଇତିହାସ ଏବଂ ସଂସ୍କୃତି ଅତି ପ୍ରାଚୀନ ଏବଂ ପ୍ରାକୃତିକ ପରିବେଶରେ ଭରପୁର ବୋଲି କହିଥିଲେ। ତେବେ ସମ୍ବଲପୁର ପର୍ଯ୍ୟଟନ ଦୃଷ୍ଟିକୋଣରୁ ଯେତିକି ଆଗକୁ ବଢିବା କଥା ସେତିକି ଆଗକୁ ବଢିପାରି ନ ଥିବା କହିଥିଲେ। ସମ୍ବଲପୁରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତି କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସମ୍ବଲପୁରରେ ତାଙ୍କ ସମୟରେ ପ୍ରେକ୍ଷାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବନ୍ୟା ଆଶ୍ରୟ ସ୍ଥଳୀକୁ ପ୍ରେକ୍ଷାଳୟରେ ପରିବର୍ତ୍ତନ କରାଯାଇଥିବା ସୂଚନା ଦେଇଥିଲେ। ବର୍ତ୍ତମାନ ସମ୍ବଲପୁରରେ ରାସ୍ତାଘାଟର ଅବସ୍ଥା ଏବଂ ସହରର ପରିଚ୍ଛନ୍ନତା ଶୋଚନୀୟ ରହିଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ସହରବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଖବରଦାତା ମାନଙ୍କୁ ମୁଖରିତ ହେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ସାମ୍ବାଦିକ ସଂଘ ସଭାପତି ସୁବାଷ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ କିଶୋର ସାହୁ, ଅଶୋକ ପଣ୍ଡା, ଅନୀଲ ଶ୍ରୀରାମକା ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ବୈଷମ୍ୟ ରିପୋର୍ଟ-୦୩ ସାର୍ବଜନୀନ ହେଉ

ସମ୍ବଲପୁର,୧୪।୧୨(ବି.ଶଙ୍କର)



ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଆୟୋଜିତ ସଭାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

■ସମ୍ବଲପୁର ବ୍ରାଣ୍ଡର ପ୍ରଚାର ପାଇଁ ଆହ୍ୱାନ

■ଭାଗବତଙ୍କ ଆତ୍ମଜୀବନୀ ମନେପଡ଼େ ଲୋକାର୍ପିତ

ସଂପ୍ରତି ରାଜନୈତିକ ଦଳରେ ଭକ୍ତ ଓ ଅନୁଗତ କେବଳ ଦୁଇଟି ବର୍ଗ ରହିଯାଇଛନ୍ତି। ନେତା ଯଦି ନିଜକୁ ଭଗବାନ ପ୍ରେରିତ ବ୍ୟକ୍ତିଭାବେ ଉପସ୍ଥାପନ କରିବେ, ତେବେ କର୍ମୀ ନୁହେଁ ଭକ୍ତ ସୃଷ୍ଟି ହେବା ସ୍ୱାଭାବିକ। ଭାଗବତଙ୍କ ଭଳି ବ୍ୟକ୍ତି ରାଜନୈତିକ ଦଳରେ ଅଣ୍ଡାଳିଲେ ମଧ୍ୟ ମିଳିବା କଷ୍ଟକର। କ୍ଷମତାରେ ନଥାଇ ମଧ୍ୟ ସେ ଯେ ଏତେ ଲୋକପ୍ରିୟ ତାର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ। ଶନିବାର ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ସର୍ବୋଦୟ ନେତା ତଥା ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦଙ୍କ ୮୮ତମ ଜୟନ୍ତୀ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଉପରୋକ୍ତ ମତ ପ୍ରକାଶ କରିଛନ୍ତି।

ପଞ୍ଚାନନ କହିଛନ୍ତି ୨୦୦୩ ମସିହାରେ ପ୍ରସ୍ତୁତ ଆଞ୍ଚଳିକ ବୈଷମ୍ୟ ରିପୋର୍ଟ ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସି ପାରିଲାନାହିଁ। ତେଣୁ ଏହାକୁ ଯଥାଶୀଘ୍ର ସାର୍ବଜନୀନ କରାଯିବା ଜରୁରୀ। ଏଥିସହ ପୁନଃ ବର୍ତ୍ତମାନ ସ୍ଥିତିକୁ ନେଇ ଆଉ ଥରେ ରିପୋର୍ଟ ପ୍ରସ୍ତୁତର ଆବଶ୍ୟକତା ରହିଛି। ୨୦୧୧ ମସିହାରେ ସମ୍ବଲପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ବୈଷମ୍ୟ ରିପୋର୍ଟ ବିଷୟରେ ଉଲ୍ଲେଖ କରିବା ବେଳେ ରିପୋର୍ଟକୁ ନେଇ ଭାଗବତଙ୍କ ଆଗ୍ରହ ଅଞ୍ଚଳ ପ୍ରତି ତାଙ୍କର ଭଲ ପାଇବାକୁ ଦର୍ଶାଉଥିଲା। ସେ ତାଙ୍କ ଜୀବନକାଳରେ ଆଞ୍ଚଳିକ ବୈଷମ୍ୟ ବିରୋଧରେ ବଡ଼ ସ୍ୱର ଥିଲେ। ବର୍ତ୍ତମାନ ରାଜ୍ୟବାସୀଙ୍କ ପାଖରେ ଦୁଇଟି ମୁଖ୍ୟ କାର୍ଯ୍ୟ ରହିଛି। ଆଞ୍ଚଳିକ ବୈଷମ୍ୟ ରିପୋର୍ଟ ଉନ୍ମୋଚନ ପାଇଁ ସରକାରଙ୍କୁ ଚାପ କରିବା ସହ ମାଟି ତଳେ ଥିବା ପ୍ରାକୃତିକ ଖଣିଜ ସମ୍ପଦକୁ ସୁରକ୍ଷା ଦେବା। ସଂପ୍ରତି ଗନ୍ଧ ମାର୍ଦ୍ଦନର ପାଦଦେଶରେ ଏକ କମ୍ପାନୀର ଖଣି ଖନନ ବିଷୟରେ ଶୁଣିବାକୁ ମିଳୁଛି। ଯାହା କୌଣସି ଭାବେ ଅଞ୍ଚଳ ପାଇଁ ଶୁଭଙ୍କର ନୁହେଁ। କୋଇଲା ସହିତ ପ୍ରାକୃତିକ ସମ୍ପଦକୁ ଅକ୍ତିଆର ପାଇଁ ବର୍ତ୍ତମାନ ସମଗ୍ର ବିଶ୍ୱର ନଜର ଓଡ଼ିଶା ଉପରେ ପଡ଼ିଛି। ୧୯୯୦ ମସିହା ପରଠାରୁ ଦେଶରେ ଜାତି, ଧର୍ମ ସହିତ ଆର୍ଥିକ ଏବଂ ସାମାଜିକ ବିଷମତା ବଢ଼ିଛି ବୋଲି କାନୁନଗୋ ମତ ଦେଇଥିଲେ।

କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ନରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଯୋଗଦେଇ ସମ୍ବଲପୁରୀ ବ୍ରାଣ୍ଡକୁ ଉଜ୍ଜଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ ମାନବାଧିକାର କମିସନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ ଭାଗବତଙ୍କ ଆଦର୍ଶରେ ଉଦବୁଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଭାଗବତ ପ୍ରସାଦ ନନ୍ଦ ସ୍ମୃତି କମିଟି ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସତ୍ୟନାରାୟଣ ମେଣ୍ଡଲିଙ୍କୁ ଭାଗବତ ନନ୍ଦ ସେବା ସମ୍ମାନ-୨୪ ଏବଂ ପାକ୍ଷିକ ପତ୍ରିକା ସମଦୃଷ୍ଟିକୁ ଭାଗବତ ପ୍ରସାଦ ନନ୍ଦ ସାମ୍ବାଦିକ ସମ୍ମାନ-୨୪ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ଗୌରୀଦାସ ପ୍ରଧାନ ସଂଯୋଜନା କରିଥିବା ବେଳେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟର ସଭାପତି ସଞ୍ଜୟ ବାବୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭାଗବତଙ୍କ ଆତ୍ମଜୀବନୀ ମନେପଡ଼େ ଲୋକାର୍ପିତ ହୋଇଥିଲା।

# ଆଜି ସମ୍ବଲପୁର ଆସିବେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୧୪।୧୨(ପ୍ରମୋଦ ବହିଦାର)

■ବୁର୍ଲା ଓ ସିନ୍ଦୁରପଙ୍କ ବିଦ୍ୟାଳୟ ପ୍ଲାଟିନମ୍ ଓ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ

■୫ ଶହ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବଣ୍ଟନ କରିବେ ଇ-ରିକ୍ସା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ ତାରିଖ ଦିନିକିଆ ସମ୍ବଲପୁର ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୨ଟା ୧୪ରେ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଓ ସନ୍ଧ୍ୟା ୫ଟା ୪୫ରେ ସିନ୍ଦୁରପଙ୍କ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ। ଏହାସହ ସେ ଅପରାହ୍ଣ ସାଢ଼େ ୪ଟା ୪୫ରେ କ୍ଷେତରାଜପୁର ଦୁର୍ଗା ମଙ୍ଗଳମ୍‌ରେ ସମ୍ବଲପୁର ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଏଥିପୂର୍ବରୁ ଅପରାହ୍ଣ ସାଢ଼େ ୩ଟାରେ ସ୍ଥାନୀୟ ମନ୍ଦଲିଆ ପଡ଼ିଆରେ ସମ୍ବଲପୁର ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଭିନ୍ନକ୍ଷମ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଝି ୫ଶହ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ୫ ଶହ ଇ-ରିକ୍ସା ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପ୍ରସ୍ତୁତି ସମ୍ପର୍କରେ ଏହି ସୂଚନା ଦେଇଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ସାରିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ୮ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୧୦ ଜଣ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ୪୦ ଜଣ ଇନ୍ସପେକ୍ଟର, ୧୨୭ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଉକ୍ତ ଅଧିକାରୀଙ୍କ ଅଧିନରେ ୧୨୦ ହୋମଗାର୍ଡଙ୍କ ସହ ୩୪ ପ୍ଲାଟୁନ୍ ପୋଲିସ ସରୁକ୍ଷ କର୍ମୀଙ୍କୁ ନିୟୋଜିତ କରାଯାଇଛି ବୋଲି ଡିଆଇଜି ସୂତ୍ରରୁ ପ୍ରକାଶ।

# ଭଲ ମଣିଷ ସୃଷ୍ଟିର ଆବଶ୍ୟକତା ରହିଛି



ପୂର୍ବତନ ଶିକ୍ଷୟିତ୍ରୀ ତଥା ୧୯୬୦ ବ୍ୟାଚ ଛାତ୍ରୀ ସୁଜାତା ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୧୪।୧୨(ଭବାନୀ ଶଙ୍କର ଭୋଇ)

**ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି**

ସମ୍ବଲପୁର ଜିଲ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମେ ବିଦ୍ୟାଳୟ ପୂର୍ବତନ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜୁବୁଲି ପତାକା ଉତ୍ତୋଳନ କରାଯିବ ସହିତ ସେଲ୍ଫି ଓ ଲୋଗୋ ପଏଣ୍ଟ ଉଦ୍‌ଘାଟିତ ହୋଇଥିଲା। ପ୍ଲାଟିନମ ଜୁବୁଲି କମିଟି ଅଧ୍ୟକ୍ଷ ରାଜକିଶୋର ଯାଜୋଡିଆଙ୍କ ପରିଚାଳନା ଓ ଦିପ୍ତୀକାନ୍ତ ଠାକୁରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭଲ ମଣିଷ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ବୁର୍ଲା ହାଇସ୍କୁଲ ନୂଆ ଓଡ଼ିଶା ଗଠନର ମାଧ୍ୟମ ହେଉ।

ସମ୍ମାନୀତ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଆଲୁମ୍ନି ଆସୋସିଏଶନ ସଭାପତି ନିରଞ୍ଜନ ପଟ୍ଟନାୟକ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକ କରନ ଶର୍ମା ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଦେବାଶିଷ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଫଟୋ ଗେଲେକ୍ସି ଲୋକାର୍ପିତ ହୋଇଥିଲା। ରଶ୍ମୀ ରଞ୍ଜନ ଶତପଥୀ ଓ ମଳୟ ଦାଶଙ୍କ ପରିଚାଳନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅପରାହ୍ଣ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲ ଯୋଗ ଦେଇ ଶିକ୍ଷାର ବିସ୍ତାରରେ ବୁର୍ଲା ହାଇସ୍କୁଲର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପୂର୍ବତନ ଶିକ୍ଷୟିତ୍ରୀ ତଥା ୧୯୬୦ ବ୍ୟାଚ ଛାତ୍ରୀ ସୁଜାତା ଦେବୀ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ରଥଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୪୯ ରୁ ୧୯୭୦ ବ୍ୟାଚର ଛାତ୍ରୀଛାତ୍ରମାନେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ସୁଶାନ୍ତ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଯୁମୁରା ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

ସମ୍ବଲପୁର,୧୪।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମହୁଲପାଲି ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ଶନିବାର ୪୧ ତମ ଯୁଯୁମୁରା ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଅନୁଷ୍ଠିତ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଯୁଗଳ କିଶୋର ନାୟକ ସଭାପତିତ୍ୱ କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ହାତିବାରୀ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଶ୍ୱିନୀ କୁମାର ଭୋଇ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ନାଥ ଓ ସମ୍ମାନୀତ ଅତିଥି ଭାବେ ଜିଲା ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ ଓ ବ୍ଲକ ସମ୍ପାଦକ ସମିର କୁମାର ନାଥ ଯୋଗ ଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ କୂଳଧର ପ୍ରଧାନ ଉଦଘାଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବନମାଳୀ ମିଶ୍ର ମୁଖ୍ୟ ଅତିଥି, ଜିଲା ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ ଓ ମହୁଲପାଲି ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ସଭାପତି ଚତୁର ମାଝି, ସମ୍ପାଦକ ନୈମିଷ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୦ଟି ବିଦ୍ୟାଳୟର ୯୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ।

# ଶିକ୍ଷା ସହ ସଂସ୍କୃତି, ପରମ୍ପରାରେ ଅନୁପ୍ରାଣିତ ହୁଅ



ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କୁଚିଣ୍ଡା,୧୪।୧୨(ବିରଞ୍ଚି ଦର୍ଜୀ)

**ସାଲେଭାଡି ହାଇସ୍କୁଲ ରୌପ୍ୟ ଜୟନ୍ତୀ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସାଲେଭାଡି ରାହାସ ବିହାରୀ ଉଚ୍ଚ ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରବିନାରାୟଣ ପଟେଲ ମୁଖ୍ୟ ଅତିଥି, ତୁଷାର ରଞ୍ଜନ ବାରିକ ମୁଖ୍ୟବକ୍ତା, ସରପଞ୍ଚ ଧନୁର୍ଜୟ ନାଏକ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠି ଶିକ୍ଷାଅଧିକାରୀ ଗୌରାଙ୍ଗ କୁସୁମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଭୈରବ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଚନ୍ଦ୍ରହାସ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ କର୍ଣ୍ଣ ସଭାପତିତ୍ୱ କରିଥିଲେ। ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନର ମୂଳଦୁଆ ହେଉଛି ଉଚ୍ଚବିଦ୍ୟାଳୟ। ତେଣୁ ଶିକ୍ଷାସହ ସଂସ୍କୃତି ଓ ପରମ୍ପରା ପ୍ରତି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ ତଥା ଲୋକ କବିରତ୍ନ ହଳଧର ନାଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ମନଛୁଆଁ କବିତା ଆବୃତ୍ତି ସହ ସମ୍ବଲପୁରୀ ଭାଷାପ୍ରତି ଜ୍ଞାନ ଅର୍ଜନ କରିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଜିଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ତ୍ରିଶଙ୍କର ପଟେଲ, ରଞ୍ଜନ କୁମାର ନାଏକ, ରାଜେନ୍ଦ୍ର କୁମାର ସାହୁ,ସଞ୍ଜୀବ କୁମାର ପଟେଲଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିନ୍ଦାସ କପ କ୍ରିକେଟ: ସିମିଲତା ଚାମ୍ପିୟନ

ନାକଟିଦେଉଳ,୧୪।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବିନ୍ଦାସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୬ ତାରିଖଠାରୁ ସ୍ଥାନୀୟ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ବିନ୍ଦାସ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ନାକଟିଦେଉଳ ବ୍ଲକ ଚନ୍ଦ୍ରପୁର ଏବଂ ଦେବଗଡ଼ ଜିଲା ସିମିଲତା ମଧ୍ୟରେ ହୋଇଥିଲା। ଟସ୍ ଜିଣି ଚନ୍ଦ୍ରପୁର ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ୧୦ଉଇକେଟ ହରାଇ ୧୩୧ରନ ସଂଗ୍ରହ କରିଥିଲା। ଜବାବରେ ସିମିଲତା ଦଳ ୧୭.୫ଓଭରରେ ୬ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ସିମିଲତାର ଲଗେନ କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଚନ୍ଦ୍ରପୁରର ମାନସ କୁମାର ସାହୁଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ପରିଚାଳନା କରିଥିଲେ ସୁମନ୍ତ ମୁଣ୍ଡା ଓ ଜଗ ପ୍ରଧାନ। ଡ଼ଙ୍ଗଚା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ କ୍ରିକେଟ ଟିମର ପୂର୍ବତନ ଖେଳାଳି ତଥା ସମ୍ବଲପୁର ଜିଲା ପୋଲିସ ହାବିଲଦାର ଓ କନେଷ୍ଟବଳ ସଂଘ ପୂର୍ବତନ ସମ୍ପାଦକ ପଙ୍କଜ କୁମାର ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ ଏବଂ ବରିଷ୍ଠ କ୍ରିକେଟ ପ୍ରେମୀ ନୃସିଂହ ସାହୁ ଯୋଗ ଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବିନ୍ଦାସ କ୍ରିକେଟ କ୍ଲବର ସୌମ୍ୟରଞ୍ଜନ ସ୍ୱାଇଁ, ସୁମନ୍ତ ଧଳ, ଅଭିଷେକ ସାହୁ, ସିପୁନ ପ୍ରଧାନ ଏବଂ କାଦର ହାସନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ମନସିନ ବାଳକ, ପ୍ରିୟଙ୍କା ବାଳିକା ଚାମ୍ପିୟନ



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ନାକଟିଦେଉଳ,୧୪।୧୨(ବୈକୁଣ୍ଠନାଥ ସାହୁ)

**ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, କ୍ରୀଡା ପ୍ରତିଯୋଗିତା**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର କ୍ରୀଡା ପ୍ରତିଯୋଗିତାକୁ ଶୁକ୍ରବାର ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଅନୁଷ୍ଠାନର ୧୬୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୯ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶନିବାର ଆୟୋଜିତ ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ସମାରୋହରେ ଅନୁଷ୍ଠାନର ପୂର୍ବତନ ପରିଚାଳନା କମିଟି ସମ୍ପାଦକ ସନକ କୁମାର ଧଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇ, ମୁଖ୍ୟବକ୍ତାଭାବେ ରେଢ଼ାଖୋଲ ଭୀମ ଭୋଇ ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ଯୋଗଦେଇ ନିଜ ଭିତରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣକୁ ଚହ୍ନି ଆଗକୁ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ପରିଚାଳନା କମିଟି ଉପଦେଷ୍ଟା ଯଜ୍ଞେଶ୍ୱର ସାହୁ ଏବଂ ସୁଦର୍ଶନ ସାହୁ ଯୋଗଦେଇଥିଲେ। ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଦ୍ୱିତୀୟ ବର୍ଷ ଛାତ୍ର ମନସିନ ମୁଣ୍ଡା ଏବଂ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କା ରାଉଳଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ୨୪-୨୫ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ଦ୍ୱିତୀୟ ବର୍ଷର ଆକାଶ ଚନ୍ଦ୍ର ଶତପଥୀଙ୍କ ସମେତ ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପତିତ ମହାନନ୍ଦ ଅତିଥି ପରିଚୟ ପ୍ରଦାନ ସହିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ରମେଶ କୁମାର ଆଗ୍ରୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଶରତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷଣ କରିଥିଲେ।

